# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଉନ୍ନୟନ ଅଧିକାରୀ

ପୋଡ଼ାଗଡ଼,୨୩।୧(ସମିସ): କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଦଶମନ୍ତପୁର ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସୂଚନାରୁ ଜଣାପଡିଛି ଯେ, ପ୍ରଥମେ ଜିଲ୍ଲା ପ୍ରଶାସନ ଟିମ୍ ଏବଂ ବ୍ଲକ ପ୍ରଶାସନକୁ ନେଇ ଏ ମାଲକାନଗିରି ପଞ୍ଚାୟତ ଓ ଲୁଲା ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଗରିବଙ୍କ ଆବାସ ଗୃହର ସ୍ଥିତି ଅନୁଧ୍ୟାନ କରି କରିଥିଲେ । ବିଭିନ୍ନ ହିତାଧିକାରୀଙ୍କ ଆବାସ ଗୃହ ଗୁଡ଼ିକ, ବିଭିନ୍ନ ସମସ୍ୟା ଯୋଗୁଁ ଅଟକି ରହିଯାଇଛି । ପୁଣି ମାଟି ରାସ୍ତା, ଚେକ୍ ଡ୍ୟାମ ନିର୍ମାଣ କାର୍ଯ୍ୟ ଗୁଡ଼ିକ ମଧ୍ୟ ଅଧାପନ୍ତରିଆ ଭାବେ ପଡି ରହିଛି । ସେହି କାର୍ଯ୍ୟ ଗୁଡ଼ିକ ତୁରନ୍ତ ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇ ଥିଲେ । ଏହା ପରେ ସମସ୍ତ ପିଇଓ, ଏଡିଓ, କନିଷ୍ଠ ଯନ୍ତ୍ରୀ, ମାନଙ୍କୁ ନେଇ ବ୍ଲକ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଥିଲେ । ବିଗତ ବର୍ଷ ମାନଙ୍କ ଠାରୁ ଯେଉଁ ଉନ୍ନୟନ କାର୍ଯ୍ୟ ଏବଂ ଗରିବଙ୍କ ଆବାସ ନିର୍ମାଣ ହୋଇ ପାରିନାହିଁ, ସେହି ଘର ଗୁଡ଼ିକ ତୁରନ୍ତ ଶେଷ କରି ରିପୋର୍ଟ ଦାଖଲ କରିବାକୁ କହିଥିଲେ । ନୂତନ ଭାବେ ବିବି ଜି ରାମ ଜି ରେ କାର୍ଯ୍ୟ କରା ଯିବ । ଏହି ସମୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୁଧିର କୁମାର ବେହେରା, ପି ଏମ୍ ଆର୍ ଏଚ୍ ଗୌରୀ ଶଙ୍କର ସାହୁ, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ହଳଧର ସିଅଲ, ପ୍ରତାପ କୁମାର ସାହୁ, ବକୁଳ ଚନ୍ଦ୍ର ମୁର୍ମୁ, ବରିଷ୍ଠ ପିଇଓ ଏମ୍ ଗୋବିନ୍ଦ ରାଓ, ଯୁନାଥନ ହିଆଲ, କେତନ ହାଲବା, ରବି ତାମ୍ବାରି, ଭଳି ଅନ୍ୟ କେତେକ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ ।

## ହିଣ୍ଡାଲ୍‌କୋ ପକ୍ଷରୁ ସିଲେଇ ମେସିନ, ପାୱାର ଟିଲର ପ୍ରଦାନ

ସେମିଳିଗୁଡ଼ା,୨୩।୧ (ସମିସ): ସେମିଳିଗୁଡା ସ୍ଥିତ ହିଣ୍ଡାଲକୋ କମ୍ପାନୀ ପକ୍ଷରୁ ଏହାର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ଅଧୀନରେ ମହିଳା ମାନଙ୍କୁ ସିଲେଇ ମେସିନ ଓ କୃଷକ ମାନଙ୍କୁ ପାୱାର ଟିଲର ପ୍ରଦାନ କରାଯାଇଛି । ଦଳେଇଗୁଡା ପଞ୍ଚାୟତର ଡୋଳିଆମ୍ବ



ଗ୍ରାମରେ କମ୍ପାନୀ ପକ୍ଷରୁ କରାଯାଇଥିବା ସିଲେଇ ତାଲିମ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇଥିବା ୧୩ ଜଣ ମହିଳା ତଥା ଝିଅ ମାନଙ୍କୁ ସିଲେଇ ମେସିନ ପ୍ରଦାନ କରାଯାଇଛି । ଏମାନେ ହେଲେ ସବିତା ଗୋଲାରି, ପ୍ରମିଳା ଜାନି, ଲଛମା ଗୋଲାରି, ପ୍ରମିଳା, ସୁମିତ୍ରା, ପ୍ରତିଭା, ଉର୍ମିଳା, ବିହୁଲା, ଅଞ୍ଜଳି, ଦେବକି, ଶ୍ରୀୟା, ଆର, ମିନାଖି ଏବଂ ରଶ୍ମିତା ଖୋସଲା । ସେହିପରି ତେନ୍ତୁଳିଗୁଡା, କୋକରିଗୁଡା, ପାଗୁଗୁଡା ଏବଂ ଘନଗୁଡା ଗ୍ରାମର ୪୦ ଜଣ କୃଷକ ମାନଙ୍କୁ କିଲୋସ୍କାର କମ୍ପାନୀର ୪ ଗୋଟି ପାୱାର ଟିଲର ଓ ଏହାର ସରଞ୍ଜାମ ମାନ ପ୍ରଦାନ କରାଯାଇଛି । ଉକ୍ତ କୃଷକ ମାନଙ୍କ ମଧ୍ୟରେ ଗୌରି କାକଡିଆ, ଡମ୍ବୁ ଟକରିଆ, ଭୀମସେନ ଦିସାରି, କିସାନ ଜାନି, ଡମ୍ବୁ ଖରା, ସୁରେନ୍ଦ୍ର ଖରା, ପାଲସୁ ଖରା, ଆଞ୍ଜୁ ଖରା ଇତ୍ୟାଦି ଅଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସିଲେଇ ତାଲିମ କେନ୍ଦ୍ରର ପ୍ରଶିକ୍ଷିକା ସାବିତ୍ରି ମହାରଣା ସହିତ ହିଣ୍ଡାଲକୋ କମ୍ପାନୀର ସେମିଳିଗୁଡା ୟୁନିଟ ମୁଖ୍ୟ ମନୋଜ ନାୟକ, ମାନବ ସମ୍ବଳ ମୁଖ୍ୟ ଅମିତ ସର, ସିଏସଆର ମୁଖ୍ୟ ପ୍ରକାଶ ସାହୁ, ପ୍ରଶାସନ ବିଭାଗର ମୁଖ୍ୟ ସନ୍ତୋଷ ପଟ୍ଟନାୟକ, ଅଶୋକ ସିହ୍ନା ଓ ପ୍ରଦିପ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜାଦ ହିନ୍ଦ୍ ଯୁଥ୍ ଆସୋସିଏସନର ବାର୍ଷିକୋତ୍ସବ



ରାୟଗଡ଼ା, ୨୩।୧(ସମିସ): ରାୟଗଡ଼ା ସହର ଅଗ୍ରଣୀ କଳା ଅନୁଷ୍ଠାନ ଆଜାଦ ହିନ୍ଦ ଯୁଥ୍ ଆସୋସିଏସନ ପକ୍ଷରୁ ନେତାଜୀ ଜୟନ୍ତୀ ଏବଂ କ୍ଲବର ୩୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହାପରେ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ସଂଘ ପକ୍ଷରୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବ୍ରଜସୁନ୍ଦର ନାୟକ, ସୁରେନ୍ଦ୍ର ସାହୁ, ସତ୍ୟବାଦୀ ପତି ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ଏହି ଅବସରରେ ଭାସ୍କର ରାଓ ଗଣମାଧ୍ୟମକୁ ସମ୍ବୋଧିତ କରି ମହାପୁରୁଷଙ୍କୁ ସ୍ମରଣ କରିବା ପାଇଁ ଆଜାଦ୍ ହିନ୍ଦ୍ ଯୁଥ୍ ଆସୋସିଏସନର ଏହା ଏକ ଉତ୍ତମ ପଦକ୍ଷେପ ଏବଂ ଏହାଦ୍ୱାରା ଆଜିର ଯୁବ ପିଢି ନିକଟରେ ସେମାନଙ୍କ ନିଷ୍ଠା, ବଳିଦାନ ଓ ବୀରତ୍ୱର ଗାଥା ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ଦ୍ୱିତୀୟାର୍ଦ୍ଧରେ ଅତିଥିଙ୍କ ଗହଣରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମରିକା, ରାଜ୍ୟସଭା ପୂର୍ବତନ ସାଂସଦ ଏନ୍ ଭାସ୍କର ରାଓ, ଅତିରିକ୍ତ ଜିଲ୍ଲାପାଳ ନବୀନ ନାଏକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଶେଷରେ କୁନି କୁନି ପିଲା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆସୋସିଏସନ୍‌ର ସଭାପତି ବିନାୟକ କରଙ୍କ ନେତୃତ୍ୱରେ ସଦସ୍ୟ ମିହିର ପଣ୍ଡା, ନୀଳମଣି ପାଟଯୋଶୀ, ଜିତେନ୍ଦ୍ର ରେଡ୍ଡୀ, ପ୍ରଶାନ୍ତ ବିଶୋଇ, ଶ୍ରୀକାନ୍ତ ଚୌଧୁରୀ, ସୁରଜ୍ ବିଶୋଇ, ତପନ ପେଦେଣ୍ଟି, ବିଶାଳ ସିଂ, ଅବିନାଶ ବିଶୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃଜା, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା ପ୍ରମୁଖ ଯୋଗ ଦେଇଥିଲେ ।

# ଆଇନଜୀବୀ ସଂଘ, ଟ୍ରାଞ୍ଜିଟ୍ ଭବନ ଉଦ୍‌ଘାଟିତ

ଜୟପୁର, ୨୩।୧ (ସମିସ) : କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା କୋର୍ଟ ପରିସରରେ ନୂତନ ଭାବେ ନିର୍ମିତ ଜିଲ୍ଲା ଆଇନଜୀବି ସଂଘର ଭବନ ଏବଂ ଟ୍ରାଞ୍ଜିଟ ହାଉସର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟେଣ୍ଡନ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲ୍ଲା ଆଇନ ପ୍ରଶାସନିକ ଦାୟୀତ୍ୱରେ ରହିଥିବା ଅଧିକାରୀ ଜଜ୍ ତଥା ହାଇକୋର୍ଟ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ ଯୋଗଦେଇଥିଲେ । ମୁଖ୍ୟ ବିଚାରପତି ଶ୍ରୀ ଟେଣ୍ଡନ ଭୁବନେଶ୍ୱରରୁ ବିମାନ ଯୋଗେ ଜୟପୁର ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ସେଠାରୁ ପୁଲିସର କଡା ସୁରକ୍ଷା ମଧ୍ୟରେ ସ୍ଥାନୀୟ ଫୁଲବାଡ ସ୍ଥିତ ଏମ.ଏସ ସ୍ୱାମୀନାଥ ଗେଷ୍ଟ ହାଉସ ଠାରେ ପହଞ୍ଚି ସାମନ୍ୟ ବିଶ୍ରାମ ପରେ ଜିଲ୍ଲା କୋର୍ଟ ପରିସରରେ ୧୧ ଟା ସମୟରେ ପହଞ୍ଚିଥିଲେ । ମୁଖ୍ୟ ଫାଟକଠାରୁ ମୁଖ୍ୟବିଚାରପତି ଏବଂ ଅନ୍ୟାନ୍ୟ ବିଚାରପତିଙ୍କୁ ବାଜା ବାଜଣା, ଆଦିବାସୀ ନୃତ୍ୟ ସହିତ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେଠାରୁ ଜିଲ୍ଲା ଜଜ ଏବଂ ଅନ୍ୟାନ୍ୟ ଜଜଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଆଇନଜୀବୀ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପ୍ରଥମେ ମୁଖ୍ୟ ବିଚାରପତି ଶ୍ରୀ ଟେଣ୍ଡନ ତିନି ମହଲା ବିଶିଷ୍ଟ ଆଇନଜୀବି ସଂଘର ନୂତନ ଭବନକୁ ଉଦଘାଟନ କରିଥିଲେ । ଏହିପରି ଭିତରେ ପ୍ରବେଶ କରିବା ସହିତ ଭବନରେ ପ୍ରତିଷ୍ଠା ହେବାକୁ ଥିବା ବ୍ୟାଙ୍କ, ଏଟିଏମ, ଡାକଘର, ମହକିଲ ଅପେକ୍ଷା କୋଠରୀ, ପ୍ରାଥମିକ ଚିକିତ୍ସା କେନ୍ଦ୍ର, କ୍ୟାଣ୍ଟିନ କକ୍ଷ , ସମ୍ମିଳନୀ କକ୍ଷ ଏବଂ ଅନ୍ୟାନ୍ୟ କୋଠରୀ ଗୁଡିକ ବୁଲି ଦେଖିଥିଲେ । ଏହାପରେ ଜଷ୍ଟିସ ଏବଂ ଅନ୍ୟାନ୍ୟ ଆଇନ ବିଭାଗ ଅଧିକାରୀ ମାନେ ଜିଲ୍ଲା ଗସ୍ତରେ ଆସୁଥିବା ବେଳେ ରହିବା ନିମନ୍ତେ ନିର୍ମିତ ଟ୍ରାଞ୍ଜିଟ ହାଉସକୁ ଉଦଘାଟନ କରିଥିଲେ । ଏଥିରେ ୪ଟି ଅତ୍ୟାଧୁନିକ ସୁଟ, ସମ୍ମିଳନୀ କକ୍ଷ, ଡାଇନିଂ ହଲ ପ୍ରଭୃତି ବୁଲି ଦେଖିଥିଲେ । ଏହି ଅବସରରେ ଆୟୋଜିତ ଆଇନଜୀବି ସଂଘର ଏକ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଟେଣ୍ଡନ ଯୋଗଦେଇ ପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ ସହିତ ନିଜ



ଭାଷଣର ପ୍ରାରମ୍ଭରୁ ଓଡିଆ ଭାଷାରେ ନିଜ ବକ୍ତବ୍ୟ ଦେଇଥିଲେ । ଏହି ଅବସରରେ ସାରା ଦେଶ ଓ ରାଜ୍ୟର ଅନୁକୋଣରେ କୋର୍ଟ ସ୍ଥାପନ କରାଯାଇ ଲୋକଙ୍କୁ ଉପଯୁକ୍ତ ନ୍ୟାୟ

> ➤ ଯୋଗଦେଲେ ହାଇକୋର୍ଟର ମୁଖ୍ୟ ବିଚାରପତି
> ➤ ୨୮ ବରିଷ୍ଠ ଓକିଲ ସମ୍ମାନିତ

ପ୍ରଦାନ ସହିତ ସମସ୍ତ ଜିଲ୍ଲା କୋର୍ଟ ଠାରୁ ହାଇକୋର୍ଟ ସହିତ ଅନଲାଇନ ମାଧ୍ୟମରେ ମକଦ୍ଦମା ପରିଚାଳନା ବ୍ୟବସ୍ଥା କରାଯାଇଛି । ସାଧାରଣ ଲୋକମାନେ ଆଇନସେବାରୁ କୌଣସି ପ୍ରକାର ବଞ୍ଚିତ ହେବେ ନାହିଁ ଏବଂ ସମସ୍ତଙ୍କୁ ଏହି ବ୍ୟବସ୍ଥାରେ ସାମିଲ ନେଇ ସରକାର ଏବଂ ଆଇନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ । ସେହିପରି ଜିଲ୍ଲା ଆଇନଜୀବି ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧର ଆଇନବ୍ୟବସାୟରେ ରହିଥିବା ବରିଷ୍ଠ ଆଇନଜୀବୀ ମାନଙ୍କୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରିବା ସହିତ ସମ୍ମନିତ କରାଯାଇଥିଲା । ସେହିପରି ରାୟଗଡା, ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ଆଇନଜୀବି ସଂଘର କର୍ମକର୍ତ୍ତାଙ୍କ ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ଲକ୍ଷ୍ମୀପୁର ଆଇନଜୀବି ସଂଘର ସଦସ୍ୟ ମାନଙ୍କ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଜଜ୍ ପ୍ରଦୀପ କୁମାର ମହନ୍ତ ଏବଂ ଅନ୍ୟାନ୍ୟ ଜଜ୍ ମାନେ ଉପସ୍ଥିତ ରହିଥିଲେ । ଏହି ସଭାକାର୍ଯ୍ୟ ପ୍ରାରମ୍ଭରେ ଜିଲ୍ଲା ଆଇନଜୀବି ସଂଘର ସଭାପତି ସରୋଜ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସଚ୍ଚିଦାନନ୍ଦ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ମଞ୍ଚକୁ ବରିଷ୍ଠ ଆଇନଜୀବି ରବିନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ । ଜିଲ୍ଲା ଆଇନଜୀବୀ ସଂଘ ସମେତ ଜିଲ୍ଲାର ଅନ୍ୟାନ୍ୟ କୋର୍ଟର ଆଇନଜୀବି ମାନେ ଉପସ୍ଥିତ ରହିଥିଲେ ଏବଂ ଉଭୟ ଟାଉନ ଓ ସଦରଥାନା ପୁଲିସ ପକ୍ଷରୁ ସହର ସମେତ କୋର୍ଟ ପରିସରରେ ବ୍ୟାପକ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହିପରି ମୁଖ୍ୟବିଚାରପତି ଶ୍ରୀ ଟେଣ୍ଡର ପରିବାର ସହିତ ପ୍ରସିଦ୍ଧ ଗୁପ୍ତେଶ୍ୱର ମନ୍ଦିର, ପର୍ଯ୍ୟଟନ ସ୍ଥଳୀ ଦେଓମାଳୀ, ଡୁଡୁମା ଜଳପ୍ରପାତ, ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ପରିଦର୍ଶନ ୩ ଦିନିଆ କାର୍ଯ୍ୟକ୍ରମ ରହିଛି ।

## ଗଣତନ୍ତ୍ର ଦିବସରେ ଆମିଷ ବିକ୍ରି ମନା

କୋରାପୁଟ,୨୩।୧(ସମିସ): ୭୭ ତମ ଗଣତନ୍ତ୍ର ଦିବସରେ କୋରାପୁଟ ଜିଲ୍ଲାରେ ଆମିଷ ବିକ୍ରୀ ଉପରେ କଟକଣା ଜାରି କରାଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଶୁକ୍ରବାର ଏ ସମ୍ପର୍କରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ନିର୍ବାହୀ ଅଧିକାରୀ ମାନଙ୍କୁ ଚିଠି କରି ଏହା କଡାକଡି ଭାବେ ରୂପାୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜାନୁଆରୀ ୨୬ ସୋମବାର ଦିନ ଜିଲ୍ଲାର ସବୁ ଅଞ୍ଚଳରେ ଯେପରି ଛେଳି ମାଂସ, କୁକୁଡ଼ା ମାଂସ, ମାଛ, ଅଣ୍ଡା ଏବଂ ଅନ୍ୟାନ୍ୟ ଆମିଷ ଜାତୀୟ ଖାଦ୍ୟ ବିକ୍ରି ନହୁଏ, ସେଥିପ୍ରତି କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ହୋଇଛି ।

## ଅଚେତ ଅବସ୍ଥାରେ ଉଦ୍ଧାର ବ୍ୟକ୍ତିଙ୍କ ମୃତ୍ୟୁ

କାକିରିଗୁମା,୨୩।୧ (ସମିସ) : ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମା ବସଷ୍ଟାଣ୍ଡରେ ଥିବା ଏକ କପଡ଼ା ଦୋକାନ ସମ୍ମୁଖରେ ଶୁକ୍ରବାର ସକାଳେ ଜଣେ ଅଜଣା ବ୍ୟକ୍ତି ଅଚେତ ଅବସ୍ଥାରେ ପଡ଼ି ରହିଥିବା ସୂଚନା ପାଇ କାକିରିଗୁମା ଥାନା ଅଧକାରୀ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରି କାକିରିଗୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବ୍ୟକ୍ତିଙ୍କୁ ଚିହ୍ନଟ କରି ପରିବାର ବର୍ଗକୁ ପୁଲିସ ସୂଚନା ଦେଇଥିଲେ । ମୃତ୍ୟୁ ବ୍ୟକ୍ତି ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାର ଏମ୍ ନାଇଡୁ ବୋଲି ସୂଚନା ମିଳିଛି । ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ଶବ ହସ୍ତାନ୍ତର କରାଯିବ ବୋଲି ଥାନା ଅଧକାରୀ ସୂଚନା ଦେଇଛନ୍ତି ।

# ଶ୍ରୀଲକ୍ଷ୍ମୀ ନୃସିଂହ ମନ୍ଦିର ପାଇଁ ଭୂମି ପୂଜନ

ନବରଙ୍ଗପୁର,୨୩।୧(ସମିସ): ନବରଙ୍ଗପୁର ସହର ନିକଟସ୍ଥ ଲଳିତା ଦେଇ ଶାସନ ଠାରେ ଲକ୍ଷ୍ମୀନୃସିଂହ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ ଅନୁଷ୍ଠିତ ହୋଇ ଯାଇଛି । ଏହି ମନ୍ଦିର ନିର୍ମାଣ ନିମନ୍ତେ ନବରଙ୍ଗପୁର ନିବାସୀ ଗୋବିନ୍ଦ ମହାପାତ୍ର ନିଜ ପୈତୃକ ସମ୍ପତ୍ତିରୁ ଏକ ଏକର ଜମି ମନ୍ଦିର ପରିଚାଳନା ଟ୍ରଷ୍ଟକୁ ଦାନ ସୂତ୍ରରେ ପ୍ରଦାନ କରିଥିଲେ । ଶ୍ରୀ ମହାପାତ୍ର ନିଜ ଦାନ ଜମିରେ ଏକ ମନ୍ଦିର ସହ ଏହି ପରିସରରେ ଏକ କଲ୍ୟାଣ ମଣ୍ଡପ ତିଆରି କରି ଏହାକୁ ସମାଜ କଲ୍ୟାଣ ପାଇଁ ଲୋକଙ୍କ ସେବା କାର୍ଯ୍ୟରେ ନିୟୋଜିତ କରିବା ଉଦ୍ଦେଶ୍ୟ ମଧ୍ୟ ପ୍ରକାଶ କରିଛନ୍ତି । ଭୂମି ପୂଜାର ଦିନକ ପୂର୍ବରୁ ମନ୍ଦିର ଟ୍ରଷ୍ଟ ସିମାଞ୍ଚଳ ଶ୍ରୀବରାହ ନୃସିଂହ ମନ୍ଦିର ଓ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ଦୁଇଟି ଆଜ୍ଞା ମାଳ ଏବଂ ପୂର୍ଣ୍ଣ୍ୟଶିଳା ନବରଙ୍ଗପୁର ଜଗନ୍ନାଥ ମନ୍ଦିର ଠାରୁ ଶହ ଶହ ଭକ୍ତଙ୍କ ଗହଣରେ ସଙ୍କୀର୍ତ୍ତନ ସହ ବିରାଟ ପଟୁଆର ବାହାରି ଶାସନ ଗାଁ ନିକଟ ମନ୍ଦିର ସ୍ଥଳରେ ପହଞ୍ଚିଥିଲା । ଏଠାରେ ପଣ୍ଡିତ ପୁରୋହିତ ମାନଙ୍କ ଦ୍ୱାରା ହୋମ ଯଜ୍ଞ ହୋଇ ଶିଳା ସ୍ଥାପନ କରା ଯାଇଥିଲା । ଏହି ଅବସରରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି, ସରକାରୀ ଅଭିଯୋଜକ ତଥା ଜିଲ୍ଲାର ବିଶିଷ୍ଟ ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା, ନବରଙ୍ଗପୁର ଜିଲ୍ଲା ସମାଜ ସେବୀ ଜଗନ୍ନାଥ ମହାପାତ୍ର, ସହିଦ ସ୍ମୃତି ସଂସଦ ରାଜ୍ୟ ଅଧ୍ୟକ୍ଷ ମୁନ୍ନା ତ୍ରିପାଠୀ, ଚିଫ୍ ଇଞ୍ଜିନିୟର ମହମ୍ମଦ ସାକୁର, ମାତୃ ଆଶ୍ରୟ ଆଶ୍ରମ ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ଙ୍କ ସମେତ ଅନେକ ପ୍ରତିଷ୍ଠିତ ଲୋକ, ଶହଶହ ଭକ୍ତ ଓ ଗଣଧାମ ପ୍ରତିନିଧି ଯୋଗ ଦେଇଥିଲେ । ପ୍ରକାଶ ଥାଉକି ଏହି ଟ୍ରଷ୍ଟର ଦେବେନ୍ଦ୍ର ପାତ୍ର ସଭାପତି ରହିଥିବା ବେଳେ ଜଗନ୍ନାଥ ବେହେରା ଉପସଭାପତି, ଦାଶରଥି ପଟ୍ଟନାୟକ ସମ୍ପାଦକ, ଯୁଧିଷ୍ଠିର ପରିଡ଼ା କୋଷାଧ୍ୟକ୍ଷ, ଶିବଶଙ୍କର ତ୍ରିପାଠୀ ସାଙ୍ଗଠନିକ ସମ୍ପାଦକ ସହିତ ରବୀନ୍ଦ୍ର ଭଞ୍ଜ ପଣ୍ଡା, ପ୍ରଭାତ ମହାନ୍ତି, ଏମ ଆନନ୍ଦ ରାଓ, କୈଳାଶ ଚନ୍ଦ୍ର ସୁବୁଦ୍ଧି, ନରେନ୍ଦ୍ର ନାୟକ, ବାଲ ଗୋପାଳ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ସି.ଏଚ ଭେଙ୍କଟ ରାଓ, ସି.ଏଚ ଭାସ୍କର ରାଓ, କମଳ ଘୋଷ, ଦେବି ପ୍ରସାଦ ତ୍ରିପାଠୀ, ଜ୍ୟୋତିର୍ମୟ ମହାପାତ୍ର, ନୀଳକଣ୍ଠ ଭତ୍ରା, ରୀତା ସିକଦାର, ମନୋରମା ମାଝୀ, ହେମଲତା ମାଝି ଆଦି କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ସଦସ୍ୟା ରହିଛନ୍ତି । ଏଥି ସହିତ ଅନ୍ୟମାନଙ୍କ ମଧ୍ୟରେ ସୁନିଲ ମହାରଣା, ରିନାରାଣୀ ସାହୁ, ନର୍ମଦା ପାଣିଗ୍ରାହୀ, ସୁଚନ୍ଦା ଘୋଷ, ଏମ ଅନିତା ଆନନ୍ଦ, ପ୍ରମୁଖ ଯୋଗ ଦେଇଥିବା ସାଂଗଠାନିକ ସମ୍ପାଦକ ଶିବ ଶଙ୍କର ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଯାଦବ ମାଝୀ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା




ଚନ୍ଦାହାଣ୍ଡି,୨୩।୧(ସମିସ), ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିଅମ ଠାରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୬ତମ ଯାଦବ ମାଝୀ ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତାରେ ଆଜି ଟିଟିଲାଗଡ଼ ରାଇଡ଼ର୍ସ ବିଜୟ ହୋଇ କ୍ୱାର୍ଟର୍ସ ଫାଇନାଲରେ ପହଞ୍ଚିଛି । ଆଜି ଟିଟିଲାଗଡ଼ ବନାମ କାଳିମେଳା ଦଳ ମଧ୍ୟରେ ଲିଗ ମ୍ୟାଚ ଖେଳାଯାଇଥିଲା । ଟିଟିଲାଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଟିକେନଙ୍କ ଅର୍ଦ୍ଧଶତକ ସହାୟତାରେ ୧୯୭ ରନ ସଂଗ୍ରହ କରିଥିଲା । ୧୯୮ ରନର ବିଜୟ ଲକ୍ଷ୍ୟକୁ କାଳିମେଳା ଦଳ ପିଛାକରି ମାତ୍ର ୧୦୭ ରନ କରି ଅଲଆଉଟ ହୋଇଯାଇଥିଲା । ୯୦ ରନର ବିଜୟ ସହ ଟିଟିଲାଗଡ଼ ଦଳ କ୍ୱାଟର ଫାଇନାଲ ପହଞ୍ଚିଛି । ମ୍ୟାଚରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଅଜୁ ଜାନିଙ୍କୁ ଅତିଥିଭାବେ ଯୋଗଦେଇଥିବା ବରିଷ୍ଠ ଶିକ୍ଷାବିତ୍ କିଶୋର ଖମାରୀ, ବରିଷ୍ଠ ଆଇନଜୀବୀ ତଥା ସାମ୍ବାଦିକ ମହମ୍ମଦ ହୁସେନ, ପାନାବେଡ଼ା ବିଶ୍ୱକର୍ମା ରାଜମସ୍ତ୍ରୀ ସଂଘ ସଭାପତି ଡିଙ୍ଗର ନାୟକ,ଜୟଲାଲ ଗହୀର ଓ ଅମରୁ ନାୟକ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ମ୍ୟାଚରେ ଅମ୍ପାୟାର ଭାବେ ଯୁଗଳ ବଗ୍ସୀ ଓ ଧନଞ୍ଜୟ ମେହେର, ଭାଷ୍ୟକାର ଭାବେ ମଳୟ ତାଣ୍ଡି, ସାରାଂଶ ଦୁରିଆ, ସ୍କୋରର ଭାବେ ମାନସ ନାୟକ,ଗୁପ୍ତେଶ୍ୱର ମାଝୀ,ପପୁ ବେଶ୍ରା ଦାୟିତ୍ୱ ତୁଲାଇଥିଲେ । ପଲ୍ଲୀଶ୍ରୀ ଯୁବକ ସଂଘ ସମ୍ପାଦକ ଧନେଶ୍ୱର ସେଠି, ସହ ସମ୍ପାଦକ ମନୋଜ କୁମାର ମାଝୀ, ପ୍ରତାପ ଗୌଡ଼, ପରମେଶ୍ୱର ମାଝୀ,ଦିଲ୍ଲୀପ ନାୟକ, ରତ୍ନାକର ପୋଟା,ବବଲୁ, ରାଜେଶ, ବିକାଶ, ଲିପୁନ, ରାହୁଲ, କାଳିଆ, ଦିନେଶ, ରାଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବୀର ସୁରେନ୍ଦ୍ର ସାଏ ପାଠାଗାରର ବାର୍ଷିକ ଉତ୍ସବ

କୋରାପୁଟ,୨୩।୧(ସମିସ):





ସଦର ବ୍ଲକ ପଦ୍ମପୁର ପଞ୍ଚାୟତ ଡୁମୁରୀପୁଟ ସ୍ଥିତ ବୀର ସୁରେନ୍ଦ୍ର ସାଏ ପାଠାଗାରର ୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ଏମ୍.ସୁରେଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠାଗାର ଦ୍ୱାରା ଆୟୋଜନ କରାଯାଉଥିବା ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ସ୍ଥାନୀୟ ସରପଞ୍ଚ ଚୈତନ ଯାନୀ, ପାଠାଗାରର ବରିଷ୍ଠ ଉପଦେଷ୍ଟା ଦୀନବନ୍ଧୁ ବାରିକ, ତିରୁମଳେଶ୍ୱର ଚୌଧରୀ, ଅରୁଣ କୁମାର ଜେନା ସମ୍ମାନୀତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କୋଷାଧ୍ୟକ୍ଷ ତ୍ରିପତି ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହରେ ସମ୍ପାଦକ ଜଗଦୀଶ ଖୋସଲା ବିବରଣୀ ପାଠ କରିଥିଲେ । ଉପ-ସଭାପତି କର୍ପୂର ହନ୍ତାଳ, ସହ-ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ସାହୁ, କାର୍ଯ୍ୟକାରୀ ସଦସ୍ୟ ମଧୁ ସୂଦନ ଖେମୁଣ୍ଡୁ, ସୁକାନ୍ତ ନାୟକ, ସନ୍ତୋଷ ଶତପଥି, ସୂର୍ଯ୍ୟ ନାରାୟଣ ସାହୁ, ଧର୍ମେନ୍ଦ୍ର ବେହେରା, ସୁରଜୀତ ବାଘ, ବସନ୍ତ ରାଓ , ଅକ୍ଷୟ ମହାନ୍ତି, ଅଜୟ ଖରା,ଅରୁଣ ପାଳ, ସୁବୋଧ କୁମାର ଚେଟି ପ୍ରମୁଖ ସହଯୋଗ କରିଥିଲେ । ବିଶିଷ୍ଟ ନାଟ୍ୟକାର ଇଂ.ପ୍ରଦୀପ୍ତ ମହାନ୍ତିଙ୍କ ଦ୍ୱାରା ରଚିତ ଏବଂ ନିର୍ଦ୍ଦେଶିତ ନାଟକ 'ସତ କାହାଣୀର ମିଛ ମଣିଷ' ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ।

**ନାଟକ 'ସତ କାହାଣୀର ମିଛ ମଣିଷ' ମଞ୍ଚସ୍ଥ**

# ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା

କୋଷାଗୁମୁଡା,୨୩।୧(ସମିସ): ଆଜି ମା ସରସ୍ୱତୀଙ୍କ ପୂଜା ପୁରପଲ୍ଲୀ ଠାରୁ ବିଦ୍ୟାଳୟ, ଅନୁଷ୍ଠାନ, ବିଭିନ୍ନ କାର୍ଯ୍ୟାଳୟରେ ପାଳନ କରାଯାଇଛି । କୋଷାଗୁମୁଡାସ୍ଥିତ ନୋଡ଼ାଲ ହାଇସ୍କୁଲ, ଏକ୍ସ ବୋର୍ଡ, ଶିଶୁ ମନ୍ଦିର, ବିଦ୍ୟାମନ୍ଦିର, ପ୍ରାଥମିକ, ମାଧମିକ ବିଦ୍ୟାଳୟଓଅଞ୍ଚଳରବିଭିନ୍ନଅନୁଷ୍ଠାନଓକାର୍ଯ୍ୟାଳୟରେ ପୂଜା ହୋଇଛି । ଛାତ୍ରଛାତ୍ରୀ ନୂଆ ପୋଷାକ ପିନ୍ଧି ପୂଜା କରିଥିବା ଦେଖିବାକୁ ମିଳିଥିଲା । ସେହିପରି ନୂତନ କରି ପାଠ ଆରମ୍ଭ କରୁଥିବା ପୁଅ, ଝିଅ ମାନଙ୍କୁ ଖଡ଼ି ସିଲଟ ଛୁଆଁ କାର୍ଯ୍ୟକ୍ରମ ହୋଇଥିବା ଦେଖିବାକୁ ମିଳିଛି ।

**ତେନ୍ତୁଳିଖୁଣ୍ଟି :** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ ରେ ପୂଜା ପାଇଲେ ବିଦ୍ୟା ଦାୟିନୀ ମା' ସରସ୍ୱତୀ । ଖାତିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ମଧ୍ୟ ମା'ଙ୍କ ପୂଜାର୍ଚ୍ଚନା ହୋଇଥିଲା । ବ୍ଲକର ତମାମ ଶିକ୍ଷାନୁଷ୍ଠାନରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସମସ୍ତ ବିଦ୍ୟାପୀଠରେ କୁନି କୁନି ଶିଶୁଙ୍କର ଖଡ଼ି ଛୁଆଁ କାର୍ଯ୍ୟକ୍ରମ ହୋଇଥିଲା ।







**ପୋଡ଼ାଗଡ଼ :** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ସମସ୍ତ ବିଦ୍ୟାଳୟରେ ଧୁମ୍‌ଧାମରେ ସରସ୍ୱତୀ ପୂଜା ପାଳିତ ହେଇଯାଇଛି । ରି କୋରାପୁଟ ରାୟଗଡ଼ା ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ କଡରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉଚ୍ଚ ବାଳିକା ବିଦ୍ୟାଳୟ ପୋଡ଼ା ଗଡ ଠାରେ ସରସ୍ୱତୀ ପୂଜା ପାଳନ କରାଯାଇଛି । ଦିନ ୧୦ ଘଣ୍ଟା ସମୟରେ ଶର୍ମିଷ୍ଠା ଗଉଡଙ୍କ ତତ୍ତ୍ୱାବଧାନରେ ଏହି ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଶିକ୍ଷୟିତ୍ରୀ ସାଗରିକା ମିଶ୍ର ,ଆରତୀ ଜେନା, ରାଜଲକ୍ଷ୍ମୀ, ମଧୁସ୍ମିତା ପଟ୍ଟନାୟକ ଶିକ୍ଷକ ରୁଦ୍ର ନାରାୟଣ ପାଡି, ବାବୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ସହ ଛାତ୍ରୀ ଉପସ୍ଥିତ ଥିଲେ ।

**ରାୟଗଡା :** ଶୁକ୍ରବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗାୟତ୍ରୀ ନଗର ରାୟଗଡା ଠାରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଛି । ଶିଶୁ ବାଟିକା ବିଭାଗର ଶିଶୁ ଭାଇଭଉଣୀଙ୍କର ବିଦ୍ୟାରମ୍ଭ ସଂସ୍କାର ପୂଜନ ହୋଇଥିଲା । ନିକଟସ୍ଥ ଗାୟତ୍ରୀ ମନ୍ଦିର ଠାରୁ ମାଆମାନେ ପୂର୍ଣ୍ଣ କଳସ ଓ ଶିଶୁମାନେ ଗୀତାପାଠ ବହି ଧରି ବିଦ୍ୟାଳୟ କୁ ପ୍ରବେଶ କରିବା ପରେ ବିଦ୍ୟାଳୟ ଫାଟକ ନିକଟରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ, ପରିଚାଳନା ସମିତିର ସଭାପତି ମାଙ୍ଗିଲାଲ ଜୈନ ଓ ଉପସଭାପତି ରଘୁନନ୍ଦନ ନନ୍ଦ ମହୋଦୟ ଶିଶୁଙ୍କୁ ସ୍ୱାଗତ କରିଥିଲେ । ଏହାପରେ ସଭାପତି ବିଦ୍ୟା ଦାୟିନୀ ମାଆ ସରସ୍ୱତୀଙ୍କ ନିକଟରେ କର୍ତ୍ତା ଭାବେ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥଲେ ଓ ଉପସଭାପତି ମହୋଦୟ ବିଦ୍ୟାରମ୍ଭ ସଂସ୍କାର ପୂଜନରେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ । ବିଦ୍ୟାଳୟର ପ୍ରାଚୀର ପତ୍ରିକା 'ତ୍ରିଶକ୍ତି'ର ଉନ୍ମୋଚନ କାର୍ଯ୍ୟକ୍ରମ ବିଦ୍ୟାଳୟର ପୂର୍ବତନ ପରିଚାଳନା ସମିତିର ସମ୍ପାଦକ ଚିତ୍ତ ରଞ୍ଜନ ପ୍ରଧାନ ଓ ସୁନୀଲ ପ୍ରସାଦ ମହାପାତ୍ରଙ୍କ କରକମଳରେ କରାଯାଇଥିଲା । ବିଦ୍ୟାଳୟରେ ନେତାଜୀ ଜୟନ୍ତୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଓ ପୂର୍ବ ଛାତ୍ର ଏକତ୍ରୀ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଲୁଟ୍ ଘଟଣାରେ ୨ ଗିରଫ



କୋରାପୁଟ,୨୩।୧(ସମିସ): ଲୁଟ ଘଟଣାରେ କୋରାପୁଟ ଟାଉନ ଥାନା ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ ଏସଡିପିଓ ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି। ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ଉପସ୍ଥିତିରେ ଟାଉନ ଥାନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମଣ୍ଡଳ ସୂଚନା ଦେଇ ଗିରଫ ଅଭିଯୁକ୍ତ ଦୁଇଜଣ ଟାଉନ ଥାନା ଅନ୍ତର୍ଗତ ଓଡ଼ିଆଗୁଡ଼ା ଗ୍ରାମର କରନ କୁଳଦୀପ (୨୩) ଓ ଅଭିଷେକ ଖରା (୨୧) ବୋଲି କହିଛନ୍ତି। କୋରାପୁଟ ଅମଲା କୁଟୀର ରୋଡ ବାସିନ୍ଦା ଡି ରାମକ୍ରୀଷ୍ଣା (୨୫)ଗତ ୨୧ ତାରିଖ ରାତି ପ୍ରାୟ ୧୧ଟା ୩୦ରେ ରେଳ ଷ୍ଟେସନରୁ ଘରକୁ ଫେରୁଥିବା ବେଳେ ୨୬ ନଂ ଜାତୀୟ ରାଜପଥର ମହିଳା କନିଷ୍ଠ ମହାବିଦ୍ୟାଳୟ ଛକ ନିକଟରେ ଗିରଫ ଅଭିଯୁକ୍ତ ମାନେ ଏକ ପଲ୍ସର ବାଇକ୍‌ରେ ଆସି ରାମକ୍ରିଷ୍ଣାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ତାଙ୍କ ପାଖେ କୌଣସି ଟଙ୍କା ପଇସା ନଥିବା କହିବା ପରେ ଉଭୟ ଅଭିଯୁକ୍ତ ରାମକ୍ରୀଷ୍ଣାଙ୍କ ୪୦ ହଜାର ଟଙ୍କା ମୂଲ୍ୟର ମୋବାଇଲ ଫୋନ ଲୁଟି ନେଇ ପଳାଇଥିଲେ। ରାମ କ୍ରୀଷ୍ଣା ସେହି ରାତିରେ ଘଟଣା ସମ୍ପର୍କରେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସବ୍ ଇନ୍ସପେକ୍ଟର ଉମେଶ କୁମାର ଧାରୁଆ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ଘଟଣାରେ ଓଡ଼ିଆଗୁଡ଼ାର କରନ କୁଳଦୀପ ଓ ଅଭିଷେକ ଖରା ସମ୍ପୃକ୍ତ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଶ୍ରୀ ଧାରୁଆଙ୍କ ନେତୃତ୍ୱରେ ଏକ ଟିମ ଚଢଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ମାନଙ୍କ ଠାରୁ ପୁଲିସ ଲୁଟ ମୋବାଇଲ ଫୋନ ଓ ପଲ୍ସର୍ ବାଇକ ଜବତ କରିଥିବା ଏସଡିପିଓ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଅଭିଯୁକ୍ତ କରନ କୁଳଦୀପ ବିରୁଦ୍ଧରେ ପୂର୍ବରୁ ୬ ଟି ଏବଂ ଅଭିଷେକ ବିରୁଦ୍ଧରେ ୫ଟି ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

## ବ୍ରିଜ୍ ନିର୍ମାଣ ଆରମ୍ଭ କରି ଭୁଲିଗଲା ପ୍ରଶାସନ

# ଦୁର୍ଦ୍ଦଶା ଭୋଗୁଛନ୍ତି ୭ ଗାଁର ଅଧିବାସୀ

ବୈପାରିଗୁଡ଼ା,୨୩।୧(ସମିସ): ଲୋକଙ୍କ ଗମନାଗମନର ସୁବିଧା ପାଇଁ କେତେ ଯେ ସରକାରୀ ଯୋଜନା। ହେଲେ ଯୋଜନା ତା ବାଟରେ । ଏପଟେ ଲୋକେ ଯୋଜନାକୁ ନେଇ ହନ୍ତସନ୍ତ। ଅର୍ଦ୍ଧ ନିର୍ମିତ ପୋଲି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ବୈପାରୀଗୁଡା ବ୍ଲକ ରାମଗିରି ପଞ୍ଚାୟତର ୭ ଖଣ୍ଡ ଗ୍ରାମର ଅଧିବାସୀ। ରାମଗିରି ପଞ୍ଚାୟତର କେରାଅଟାଲ ଠାରୁ ବଡାଗୁଡାକୁ ସଂଯୋଗ ପାଇଁ ରାସ୍ତା ନିର୍ମାଣ ହେଲା। କିନ୍ତୁ ରାସ୍ତା ମଝିରେ ପୋଲ ହୋଇପାରିନାହିଁ। ତିନି ବର୍ଷ ତଳେ ଆରମ୍ଭ ହୋଇଥିବା ପୋଲ ଆଜି ପର୍ଯ୍ୟନ୍ତ ସରୁନି। ଫଳରେ ହନ୍ତସନ୍ତ ହେଉଛନ୍ତି ୭ ଖଣ୍ଡ ଗ୍ରାମର ଗ୍ରାମବାସୀ। ତିନି ବର୍ଷ ତଳେ ଦଣ୍ଡାବାଡି ଏବଂ ରାମଗିରି ପଞ୍ଚାୟତକୁ ଯାତାୟତର ସୁବିଧା ପାଇଁ ସରକାରଙ୍କ ତରଫରୁ ଏକ କୋଟି ଟଙ୍କା ବ୍ୟୟରେ ବ୍ରିଜ୍ ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। ଠିକାଦାର ଜଣକ ବ୍ରିଜ୍ କାମ ଆରମ୍ଭ କରିଛି ସତ, କିନ୍ତୁ ତିନି ବର୍ଷ ବିତିଯାଇଥିଲେ ସୁଦ୍ଧା କାମ ସଂପୂର୍ଣ୍ଣ କରୁନାହିଁ। ଯାହାଫଳରେ ଦଣ୍ଡାବାଡି ପଞ୍ଚାୟତର ଖଡକିପାଣି, ମାଠପାଡିଆଗୁଡା, ପଡାପଦର, ଫଟକାମୁଣ୍ଡା, ଡୁମୁରିପଦର ଏବଂ ରାମଗିରି ପଞ୍ଚାୟତର ବଡାଗୁଡା ମାଛଗୁଡା, ଡୁମାଗୁଡା ଓ ଆମପାଣିଗୁଡା ଗ୍ରାମର ଗ୍ରାମବାସୀ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ ଏହି ଦଣ୍ଡାବାଡି ଏବଂ ରାମଗିରି ପଞ୍ଚାୟତର ସୀମାରେ ଥିବା ସାତ ଖଣ୍ଡ ଗ୍ରାମର ଗ୍ରାମବାସୀ ଏକ ପ୍ରକାର ଜଳବନ୍ଦୀ ଜୀବନ ବିତାଇଥାନ୍ତି। ବ୍ରିଜ୍ କାମ ସଂପୂର୍ଣ୍ଣ କରିବା ପାଇଁ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଗଲା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ବର୍ତ୍ତମାନ ଏହି ବ୍ରିଜ୍ ନିମନ୍ତେ ଟଙ୍କା ନାହିଁ। ଅତିଶୀଘ୍ର ଫଣ୍ଡ ଆସିବ ଏବଂ ବ୍ରିଜ୍ କାମ ସଂପୂର୍ଣ୍ଣ କରାଯିବ ବୋଲି ପ୍ରକାଶ କରିଥିଲେ।



# ଜୀବନ ଜୀବିକା,ଜୈବ ବିବିଧତାର ସୁରକ୍ଷା ପାଇଁ ତାଲିମ କାର୍ଯ୍ୟକ୍ରମ

ଟିକିରି,୨୩।୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁରଠାରେ ଗ୍ରାମୀଣ ସ୍ତରରେ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ପରିବେଶଗତ ପୁନରୁଦ୍ଧାର ଏବଂ ଜୀବନ ଜୀବିକାର ପ୍ରଗତି ଏବଂ ସୁରକ୍ଷା ସମ୍ପର୍କିତ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ କାଶୀପୁର ବ୍ଲକ ତାଲିମ ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ବିଭାଗ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗର କ୍ଷେତ୍ର କର୍ମଚାରୀ ଓ ଅଧିକାରୀ ତାଲିମ ନେଇଥିଲେ। ଜଳ, ଜମି, ଜଙ୍ଗଲ, ଜନ୍ତୁ, ମାଟି ଏବଂ ସମଗ୍ର ଜୈବମଣ୍ଡଳର ସୁରକ୍ଷା ରଖିବାକୁ ପ୍ରଶିକ୍ଷକ ମାନେ ତାଲିମ ଦେଇଥିଲେ।" କୃଷି ଅଧିକାରୀ ନିରଞ୍ଜନ ନାୟକ ଏବଂ ବନ ଅଧିକାରୀ ଏସ୍.ଶୁଭସ୍ମିତା ପ୍ରଶିକ୍ଷଣ ଦେଇଥିଲେ। ବ୍ଲକର କୃଷି, ପ୍ରାଣୀ ସମ୍ପଦ, ଓଡ଼ିଶା ଜୀବନ ଜୀବିକା ମିଶନ,ମିଶନ ଶକ୍ତି ବିଭାଗର କୃଷି ଅଧୀଦର୍ଶକ, ପଶୁଧନ ନିରୀକ୍ଷକ, ଏମ୍‌ବିକେ, ସିଆରପି, କୃଷକ ସାଥି ତାଲିମ ନେଇଥିଲେ। ତାଲିମ କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟ ଦାଶ ଏବଂ ପେସା ସଂଯୋଜକ ନିତ୍ୟାନନ୍ଦ ନାଏକ ପରିଚାଳନା କରିଥିଲେ।

# ପିଏମ୍ ସ୍ୱନିଧି ଯୋଜନା ହିତାଧିକାରୀଙ୍କୁ ଋଣ ପ୍ରଦାନ



କୋରାପୁଟ,୨୩।୧(ସମିସ): କୋରାପୁଟ ମ୍ୟୁନିସିପାଲଟି ଅଡିଟୋରିୟମ ଠାରେ ପିଏମ୍ ସ୍ୱନିଧି ଯୋଜନାରେ କୋରାପୁଟ ମ୍ୟୁନିସିପାଲଟିର ୨୨ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି। କୋରାପୁଟ ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଉପାଧ୍ୟକ୍ଷା ସବିତା ପଣ୍ଡା, ଏଲଡିଏମ ଦେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ କାଉନସିଲର ମାନଙ୍କ ଉପସ୍ଥିତିରେ ଋଣ ପ୍ରଦାନ କରାଯାଇଛି। କୋରାପୁଟ ମୁନସିପାଲଟିର ୨୨ ଜଣ ବୁଲାବିକାଳିଙ୍କୁ ପ୍ରାୟ ୭ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି ବୋଲି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ସୂଚନା ଦେଇଛନ୍ତି। ଜିଲ୍ଲା ମିଶନ ମ୍ୟାନେଜର ରାମ ଶଙ୍କର ଦାସ ଯୋଗଦେଇ ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ କୋଭିଡ ମହାମାରୀ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥିବା ବୁଲା ବିକାଳିମାନଙ୍କୁ ସହାୟତା କରିବା ପାଇଁ କେନ୍ଦ୍ର ସରକାର ୨୦୨୦ ମସିହା ଜୁନ ୧ ତାରିଖରେ ପିଏମ୍ ସ୍ୱନିଧି ଯୋଜନା ଆରମ୍ଭ କରିଥିଲେ।

# ଅବସରପ୍ରାପ୍ତ ଗୃହରକ୍ଷୀଙ୍କୁ ଜିଲ୍ଲା ସଂଘର ଆର୍ଥିକ ସହାୟତା



କୋରାପୁଟ,୨୩।୧(ସମିସ): ଦୀର୍ଘ ବର୍ଷ ସେବା ପ୍ରଦାନ ପରେ ଅବସର ନେଇଥିବା ଗୃହରକ୍ଷୀ ଗଙ୍ଗାଦେଇ ମାଝୀଙ୍କୁ ଜିଲ୍ଲା ଗୃହରକ୍ଷୀ ସଂଘ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। କୋରାପୁଟ ଟାଉନ ଥାନାରେ କାର୍ଯ୍ୟରତ ଗଙ୍ଗାଦେଇ ଗତ ଅଗଷ୍ଟରେ ଅବସର ନେଇଥିଲେ। ଏସ୍‌ପି ଏବଂ ରିଜର୍ଭ ଇନ୍ସପେକ୍ଟରଙ୍କ ସମେତ କୋରାପୁଟ ଜିଲ୍ଲା ଗୃହରକ୍ଷୀ ସଂଘର ସମସ୍ତ ସଦସ୍ୟ, ସମସ୍ତ ହୋମଗାର୍ଡଙ୍କ ସହଯୋଗରେ ଗଙ୍ଗାଦେଇଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ମହାନ କାର୍ଯ୍ୟ ପାଇ ଜିଲ୍ଲା ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସୁନା ଧନ୍ୟବାଦ ଜଣାଇଛନ୍ତି।

# ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବି

ସେମିଳିଗୁଡ଼ା,୨୩।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦଳେଇଗୁଡା ପଞ୍ଚାୟତରେ ମୋବାଇଲ ଟାୱାର ସ୍ଥାପନ ପାଇଁ ସେମିଳିଗୁଡା ବ୍ଲକର ଉପାଧ୍ୟକ୍ଷ ଶିବା ବାଙ୍ଗାରୀ ଦାବିକରିଛନ୍ତି। ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବି କରି ଉପାଧ୍ୟକ୍ଷ ଶିବା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ଲକର ବିଭିନ୍ନ ଅଞ୍ଚଳରେ ଟାୱାର ସ୍ଥାପନ ନହେବା ଦ୍ୱାରା ଅନେକ ସମସ୍ୟା ଦେଖାଦେଇଥିବା ସେ ଦୁଃଖ ପ୍ରକାଶ କରିଛନ୍ତି। ବିଶେଷ କରି ଅନ୍‌ଲାଇନ ପାଠପଢା ପାଇଁ ଓ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଯୋଗ ଦେବା ପାଇଁ ଅନେକ ସମସ୍ୟା ଦେଖାଦେଇଥିବା ଉପାଧ୍ୟକ୍ଷ ଶିବା ଅଭିଯୋଗ କରିଥିଲେ। ଦୀପ ତଳ ଅନ୍ଧାର ପରି ସେମିଳିଗୁଡା ନିକଟରେ ଥିବା ଦଳେଇଗୁଡାରେ ମଧ୍ୟ ମୋବାଇଲ ଟାୱାର ନଥିବା ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଅନେକ ସମୟରେ ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କିଛି ଫଳ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ମୋବାଇଲ ଟାୱାର ସ୍ଥାପନ ହେଲେ ନେଟୱର୍କ ସମସ୍ୟା ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।

# ବିଭିନ୍ନ ସ୍ଥାନରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ









କୋରାପୁଟ,୨୩।୧(ସମିସ): କୋରାପୁଟ ସଦର ମହକୁମାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ପୂର୍ବତନ ପୌର ଅଧ୍ୟକ୍ଷ ଭଗବାନ ବାହିନୀପତି, ପୂର୍ବତନ ବିଧାୟକ ନିମାଇଁ ସରକାର, ବିଜେପି ମଣ୍ଡଳ ସଭାପତି ୱାଇ ସତ୍ୟ ନାରାୟଣ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ମିଶ୍ର, ନଗର କଂଗ୍ରେସ ସଭାପତି ଜୟନ୍ତ କୋଚିନ, ସମାଜସେବୀ ଲଳିତ ମୋହନ ପଟ୍ଟନାୟକ, ଅରୁଣ କୁମାର ଦାସ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତ ରହି ପୁଷ୍ପ ମାଲ୍ୟାର୍ପଣ କରିଥିଲେ। କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ଯୋଗଦେଇ ପରିଚାଳନା କରିଥିଲେ।

**ସେମିଳିଗୁଡ଼ା:** ସେମିଳିଗୁଡାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି ।ସ୍ଥାନୀୟ ପ୍ରେସ କ୍ଲବ କ୍ୟାମ୍ପସ୍‌ରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ କ୍ଲବ ସଭାପତି ଅଜୟ କୁମାର ସାହୁ ,ସମ୍ପାଦକ ମନୋଜ ପଟ୍ଟନାୟକ, କାଉନସିଲର ମମତା ରାୟ, ପୌର ପରିଷଦ କିରାଣୀ ଲକ୍ଷ୍ମୀ ନାରାୟଣ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ନେତାଜୀଙ୍କ ବୈପ୍ଲବିକ ଓ ତ୍ୟାଗପୁତ ଜୀବନୀ ଉପରେ ସମସ୍ତେ ଆଲୋକପାତ କରିଥିଲେ। ସେହିପରି ଦେଓମାଲି ପବ୍ଲିକ ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଯୋଗ ଦେଇ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

**ଜୟପୁର:** ଜୟପୁର ସହରରେ ବିଭିନ୍ନ ସଂଗଠନ ଏବଂ ବିଦ୍ୟାଳୟ ଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ପୂଜ୍ୟପୂଜା ସଂସଦ ପକ୍ଷରୁ ନେତାଜୀ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷୟତ୍ରୀ ପ୍ରଭାତୀ ପାଣିଗ୍ରାହୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିବା ବେଳେ ବନିତା ଏକ୍ଟିଭ୍ ବିଦ୍ୟାଳୟର ନିର୍ଦ୍ଦେଶିକା ବନିତା ମହାପାତ୍ର, ଶିବାଶିଷ ପାଣିଗ୍ରାହୀ, ଏ. ଶ୍ରାବଣୀ, ସ୍ମୃତିରେଖା ପ୍ରଧାନ, ପ୍ରତ୍ୟୁଷ ଗଡ଼ନାୟକ, ଏମ୍‌ଡି ମଇନ୍‌ଉଦ୍ଦିନ, ସମୃଦ୍ଧି ହରିଜନ, ଅନୁରାଗ ସାହୁ, ଅମ୍ରିତା ମେଘାବିନୀ, ଆଦ୍ୟନ୍ତ ପାତ୍ର, ପ୍ରମୋଦ ରାଉଳ, ପ୍ରମୁଖ ଯୋଗ ଦେଇଥିଲେ। ସଂସଦର ଉପସଭାପତି ତପନ କିରଣ ତ୍ରିପାଠୀ ଓ ସାଧାରଣ ସଂପାଦକ ବୈରାଗୀ ଚରଣ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସେହିପରି ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଅର୍ଗନାଜେନସ ପକ୍ଷରୁ ରଥପଡିଆ ଛକ ଠାରେ ଏକ ସ୍ମୃତିସଭା ଏବଂ ଶ୍ରଦ୍ଧାଞ୍ଜଳି ଉତ୍ସବ ନେତାଜୀଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଇଥିଲା। ସେହିପରି ସହରର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଉଭୟ ସ୍ୱାଧିନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ଛୋଟ ଛୁଆ ମାନେ ନେତାଜୀ ଏବଂ ବୀର ସୁରେନ୍ଦ୍ରଙ୍କ ବେଶ ଧାରଣ କରିଥିଲେ।

**ପୋଡ଼ାଗଡ଼ :** କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ପୋଡ଼ାଗଡ ପଞ୍ଚାୟତ ସଦର ମହକୁମାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହେଇଯାଇଛି। ପଞ୍ଚାୟତର ନାଏକ ସରପଞ୍ଚ ଆସେର ବେନ୍ୟାଙ୍କ ନେତୃତ୍ୱରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଣେଶ କୁଳଦୀପ, ଯୋଗାଣ ସହାୟକ ଅନିଲ କନ୍ଦପାନ, ପଞ୍ଚାୟତ ପିଅନ ନୀଳକଣ୍ଠ ରାୟ, ସମ୍ପଦ ଟାକ୍ରୀଙ୍କ ସମେତ ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ କରଯାଇଥିଲା। ପଞ୍ଚାୟତ ଅଫିସ୍ ସମ୍ମୁଖରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଫୁଲ ଚନ୍ଦନ ଦେଇ ଜନ୍ମ ଦିନ ପାଳନ କରାଯାଇଥିଲା। ଶେଷରେ ନେତାଜୀଙ୍କ ଜୀବନୀ ବିଷୟରେ ଆଲେଚନା କରାଯାଇଥିଲା।

**ଉମରକୋଟ:** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ୱାର୍ଡ ନଂ ୧୨ ଡଙ୍ଗରିଗୁଡା ଠାରେ ଉମରକୋଟ ବାଙ୍ଗୀୟ ସାମାଜ ଓ ପୌର ପରିଷଦ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଯୋଗଦେଇ ଥିବା ବେଳେ ବରିଷ୍ଠ ଆଇନଜୀବୀ ତଥା ରାଜନେତା ଜୟଦେବ ପରିଡ଼ା, ଉମରକୋଟ ପୌର ଅଧ୍ୟକ୍ଷା ରାଧାଭତ୍ରା ଓ ବ୍ଲକ୍ ଅଧ୍ୟକ୍ଷା ଶୁଶିଳା ମାଝୀ, ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ , ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ ଯୋଗ ଦେଇଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଓ କାଉନସିଲର ଏବଂ ସହରବାସୀଙ୍କ ଉପସ୍ଥିତିରେ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ପରେ ପରେ କାଳୀ ମନ୍ଦିର ପଡିଆ ଠାରେ ଥିବା ବାଙ୍ଗୀୟ ଭବନ ଠାରେ ଏକ ସଭାର ଅୟୋଜନ କରାଯାଇ ନେତାଜୀଙ୍କ ଜୀବନୀ ଉପରେ ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ନେତା ଜୟଦେବ ପରିଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଉମରକୋଟ ପୌର ଅଧ୍ୟକ୍ଷା ରାଧା ଭତ୍ରା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଓ ନିଖିଳ ଭାରତ ବଙ୍ଗୀୟ ସମାଜର ସଭାପତି, କାଉନସିଲର ସନ୍ତୋଷସରକାର, ତପନକୁମାରପାଲ, କମଲଗାଇନ, ବିଶ୍ୱନାଥ ସିଲ, ଅସୀମ ହାଲଦାର, ମନ୍ମଥ ରାୟ,ବିକାଶ କବିରାଜ ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଙ୍ଗୀୟ ସମାଜ ପକ୍ଷରୁ ସଂଜିତ୍ ବିଶ୍ୱାସ, ଆଶୁତୋଷ ହାଲଦାର, ଆଶୁତୋଷ ମଣ୍ଡଳ, ମୁନା ଡାକୁଆ, ସୁଦେବ ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

**ନବରଙ୍ଗପୁର:** ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ପରାକ୍ରମ ଦିବସ ତଥା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ପ୍ରତିଭା ସିଦ୍ଧାର୍ଥ ପଣ୍ଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ନେତାଜୀଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ମାଲେଶ୍ୱରୀ ସାହୁ ଛାତ୍ରୀ ମାନଙ୍କୁ ନେତାଜୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଏକ ପ୍ରେରଣା ଦାୟୀ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ଼ଃ ସଂଯୁକ୍ତା ପଣ୍ଡା, ରଞ୍ଜୁଷା ପ୍ରହରାଜ, ବିନୋଦ ବିହାରୀ ପ୍ରଧାନ, ନୃପେନ୍ଦ୍ର ନାଥ ଖୋସଲା ଓ ଲକ୍ଷ୍ମୀକାନ୍ତ ସୌରା ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ନେତାଜୀଙ୍କ ଆଦର୍ଶ ଓ ଦେଶପ୍ରେମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ନେତାଜୀଙ୍କ ଫୋଟଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା।

**ସୁନାବେଡ଼ା:** କୋରାପୁଟ ଜିଲ୍ଲା ବଧିର ସଂଘ ପକ୍ଷରୁ ସୁଭାଷ ଚନ୍ଦ୍ର ବୋଷ ଏବଂ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘର ସଭାପତି ଶେଖ ଇବ୍ରାହିମଙ୍କ ସଭାପତିତ୍ୱରେ ସ୍ଥାନୀୟ ସୁଭାଷ ନଗରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ କର୍ମକର୍ତ୍ତା ବ୍ରହ୍ମା ଚରଣ ଗୌଡ଼, ରଞ୍ଜନ ସାହୁ , ଶ୍ୟାମ ସୁନ୍ଦର ମାଟିଆ,ଅରୁଣ କୁଳଦୀପ, ରମେଶ ଖିଲ ଓ ବି. ଶ୍ରୀଦେବୀଙ୍କ ସମେତ ସଂଘର ଉପଦେଷ୍ଟା ଡ. ଉମା ଶଙ୍କର ପ୍ରସାଦ ପାତ୍ର, ଶାହେଦା ପରୱିନ, ସମାଜସେବୀ ବିଜୟ କୁମାର ସାହୁ ଓ ଜଗଦୀଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଡ. ଉମା ଶଙ୍କର ପାତ୍ର ଏବଂ ଶ୍ରୀ ସାହୁ ଦେଶର ସ୍ୱାଧୀନତା ସଂଗ୍ରାମରେ ନେତାଜୀ ସୁଭାଷ ବୋଷଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶ୍ରୀମତୀ ପରୱିନ ସ୍ୱାଧୀନତା ସଂଗ୍ରାମୀ ଭାବେ ସବୁଠାରୁ ଅଧିକ ବର୍ଷ ଜେଲ ଦଣ୍ଡ ଭୋଗି ଥିବା ବୀର ସୁରେନ୍ଦ୍ର ସାଏଙ୍କ ସଂଘର୍ଷ ମୟ ଜୀବନୀ ଉପରେ ଆଲୋଚନା କରିଥିଲେ।

ବୈପାରୀଗୁଡା(୫୦୯): ବୈପାରୀଗୁଡା ବ୍ଲକ୍ ବାସିନିଗୁଡା ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରେସ୍ସ ୟୁନିଟ୍ ବ୍ଲକ ପକ୍ଷରୁ ଭ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ସମାଜସେବୀ ଏମ ତେଜେଶ୍ୱର ରାଓ ଯୋଗ ଦେଇ ନେତାଜୀଙ୍କ ବଳିଦାନ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମ ନାୟକ, ପ୍ରଧାନଶିକ୍ଷକ ଦିଲୀପ କୁମାର ହିଆଲ, ଶିକ୍ଷକ ପ୍ରଶାନ୍ତ କୁମାର ମାଝୀ, କ୍ଲବ ସଦସ୍ୟ ଅଭିମନ୍ୟୁ ରଗଡି, ଧନପତି ନାୟକ, ଏନ ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରକୁ ସଭାପତି ଭୀମସେନ ହରିଜନ ପରିଚାଳନା କରିଥିଲେ।

**ମାଲକାନଗିରି:** ମାଲକାନଗିରି ଜିଲ୍ଲା ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସଂଘର ସଭାପତି ବାଲାରାଜୁ ପାଢ଼ିଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ସଭାରେ ମୁଖ୍ୟବକ୍ତା ଭାବେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ସେହିପରି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁରୂପ ସଂପାଦକ ଅଶୋକ କୁମାର ସାମଲ, ସଂଗଠନ ସଂପାଦକ ଜୀବନ କୁମାର ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ, ଉପଦେଷ୍ଟା ଶିବ ପ୍ରସାଦ ପାତ୍ର, ଗିରୀଧାରୀ ପାଣିଗ୍ରାହୀ, ନବ କୁମାର ସାହୁ, ଗଣେଶ ଚନ୍ଦ୍ର ଜେନା, ବାବାଜୀ ଚରଣ ସ୍ୱାଇଁ , କେ. ଶିବ ଶଙ୍କର ପାତ୍ର, କାଳୀ ପ୍ରସାଦ ଚୌଧୁରୀ, ଜଗନ୍ନାଥ ତିଆଡ଼ି, ପୂର୍ଣ୍ଣ ଚନ୍ଦ୍ର ସାହୁ, ଏସ୍. ୱିରାସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜୟ ହେବ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଛଅ ମାସ ଗଲାନି

# ଭୁଶୁଡ଼ିଗଲା ପଥର ପ୍ୟାକ୍



କଲ୍ୟାଣସିଂହପୁର,୨୩।୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦରରେ ନାଗାବଳି ନଦୀ ପାର୍ଶ୍ୱରେ ପଥର ପ୍ୟାକିଂ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ଛଅ ମାସ ଗଲାନାହିଁ । ଏହା ଭୁଶୁଡ଼ି ପଡିବାରୁ ସଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭୁଶୁଡିବାର ଏକ ବର୍ଷ ବିତିଗଲା ପରେ ମଧ୍ୟ ଜଳ ସମ୍ପଦ ବିଭାଗ ତଥା ସରକାର ତଦନ୍ତ ନ କରିବା ଉଭୟଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠୁଛି। କଲ୍ୟାଣସିଂହପୁର ବ୍ଲକର ସଦର ମହାକୁମା ନାଗାବଳି ନଦୀର ଗୌଡ଼ ସାହି ଠାରୁ ମେଡିକାଲ ପଛ ବୁଲାଣି ଓ ମାଳତି ସାହି ଠାରୁ କଣ୍ଡା ସାହି ପଛପଟ ନିକଟସ୍ଥ ନାଗାବଳି ନଦୀକୂଳରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ଛଅ କୋଟି ଟଙ୍କାରୁ ଅଧିକ ବ୍ୟୟରେ ପଥର ପ୍ୟାକିଂ କାର୍ଯ୍ୟ ଗତ ବର୍ଷ କରାଯାଇଥିଲା। ଏହି କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ଅଭିଯୋଗ କରିଥିଲେ ଗ୍ରାମବାସୀ। ଗତ୨୦୨୪ ମସିହାରେ ଆରମ୍ଭ ହୋଇଥିଲେ ମଧ୍ୟ ଗତ ୨୫ ମସିହାରେ ମାର୍ଚ୍ଚରେ ତରବିରିଆ ଭାବେ ଶେଷ କରିଥିଲେ ଠିକାଦାର। ୬ ମାସ ମଧ୍ୟରେ ପଥର ପ୍ୟାକିଂ ଭୁଶୁଡି ପଡିଥିଲା। ଅଧାରୁ କାର୍ଯ୍ୟ ଛାଡି ଠିକାଦାର ଚାଲି ଗଲେଣି। ଜଳ ସମ୍ପଦ ବିଭାଗର ଅଧିକାରୀ ରାୟଗଡା ଜିଲ୍ଲାରେ ନ ରହି ଗଜପତି ଜିଲ୍ଲାରେ ରହୁଥିବାରୁ କୋଟି କୋଟି ଟଙ୍କାର କାର୍ଯ୍ୟ ଠିକ୍ ଭାବେ ତଦାରଖ ନ କରିବାରୁ ଠିକାଦାର ନିମ୍ନମାନର କାର୍ଯ୍ୟ କରିଚାଲି ଯାଇଛନ୍ତି ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ନଦୀ କୂଳ ଖାଉଥିବାରୁ ବିଭିନ୍ନ ସମୟରେ ନଦୀ ଗ୍ରାମ ଭିତରେ ପଶିବା ସହ ଗତି ପଥ ବଦଳାଇ ଦେଉଥିବାରୁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରାଯାଇଥିଲେ ମଧ୍ୟ କୌଣସି ସ୍ଥାନରେ ସୂଚନା ଫଳକ ଲଗା ଯାଇନଥିବାରୁ ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏଥିରୁ ସ୍ପଷ୍ଟ ଜଣା ପଡୁଛି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ଚାଲିଥିବା ଅଭିଯୋଗ ହୋଇଛି। ନଦୀକୂଳରେ ପଥର ପକାଇବା ବେଳେ ପଥର ନ ଖସିବା ପାଇଁ କୂଳରେ ତିନି ଫୁଟ ଗାତଖୋଳି ପଥର ସଜାଇ ରଖିବା କଥା । କିନ୍ତୁ ସେମିତି କିଛି କରିନାହାନ୍ତି ଠିକାଦାର। ବର୍ଷା ଦିନରେ ନଦୀରେ ପାଣି ବଢ଼ିବା ପରେ ପଥର ଖସି ନଦୀରେ ଲୀନ ହୋଇଯିବ ବୋଲି ପୂର୍ବରୁ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ତାହା ସତ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ପଥର ପ୍ୟାକିଂ ସମୟରେ ଭଲ ଭାବେ କାର୍ଯ୍ୟ କରି ନ ଥିବାରୁ ବିଭିନ୍ନ ସ୍ଥାନରେ ପଥର ଦବିଯାଇ ଭାଙ୍ଗିରୁଜି ଗଲାଣି। ପଥରକୁ ଜାବୁଡି ଧରିବା ପାଇଁ ମେସଜାଲି ମଧ୍ୟ ଲଗାଇ ଥିଲେ। କିନ୍ତୁ ଜାଲି ଅତି ନିମ୍ନମାନର ହୋଇଥିବାରୁ ଛିଣ୍ଡି ଗଲାଣି। କେତେ ସ୍ଥାନରେ ପଥର ଗୁଡିକ ବାହାରେ ଏଣେ ତେଣେ

### ତଦନ୍ତ କଲେନି ସରକାର

ଫିଙ୍ଗିବା ଯୋଗୁଁ ନଦୀକୁ ଯିବା ପାଇଁ ଅସୁବିଧା ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏମିତିକି କିଛି ସ୍ଥାନରେ ପଥର ପ୍ୟାକିଂ ହୋଇଥିବା ବେଳେ ଅନେକ ସ୍ଥାନରେ ପଥର ନପକାଇ ଚାଲି ଯାଇଛନ୍ତି ଠିକାଦାର। ଗତ ବର୍ଷା ଋତୁରେ ତାର ଜାଲି ଛିଣ୍ଡି ଯିବାରୁ ପଥର ଓହଳି ରହିଥିବାରୁ ସରକାର ଓ ଜଳ ସମ୍ପଦ ବିଭାଗ ମଧୁଚନ୍ଦ୍ରିକା ରହିଥିବା ଚର୍ଚ୍ଚାହେଉଛି। ପ୍ରକାଶଥାଉ କି ୨୦୧୭ ମସିହା ଜୁଲାଇ ୧୬ରେ କଲ୍ୟାଣୀ, ନାଗାବଳୀ ନଦୀର କରାଳ ବନ୍ୟା ଆସି ଅଭୂଲା ସ୍ମୃତି ହୋଇ ରହିଛି। ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗର୍ଜନ କରି ମାଡି ଆସିଥିଲା ବନ୍ୟା ଜଳ। ଆଉ ସୃଷ୍ଟି ହୋଇଥିଲା ଭୟଙ୍କର ପରି ସ୍ଥିତି । ଅନେକ ସ୍ଥାନରେ ବନ୍ୟାପାଣି ଜଳମଗ୍ନ ହେବା ଯୋଗୁଁ ବହୁ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହିତ ଲକ୍ଷ ଲକ୍ଷ ଟଙ୍କାର ଜିନିଷ ପତ୍ର ନଷ୍ଟ ହୋଇଛି। ଘର ଭିତରକୁ ପାଣିପଶି ଘର ଦୁଆର ଭାଙ୍ଗି ଚୁର୍ ମାର ହୋଇ ଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କଲ୍ୟାଣି ଓ ନାଗାବଳୀ ନଦୀରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ନଦୀକୂଳରେ ପଥର ପ୍ୟାକିଂ କରୁଥିବା ବେଳେ ତାହା ପୁଣି ନିମ୍ନମାନର ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟବାସିନ୍ଦା। ବର୍ତ୍ତମାନ ସାମାନ୍ୟ ବର୍ଷାରେ ନଦୀ ଜଳ ମାଡ଼ ହୋଇ ଭାଙ୍ଗିରୁଜି ଗଲାଣି । ବନ୍ୟାଜଳ ଆସିଲେ ଗ୍ରାମକୁ ପଥର ପ୍ୟାକିଂ ସୁରକ୍ଷା ଦେଇ ପାରିବା ନେଇ ଗ୍ରାମବାସୀ ଆଶଙ୍କା କରୁଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି।

## ଅମ୍ବାଦଳାରେ ରାମଲାଲାଙ୍କ ପାଇଁ ଶୋଭାଯାତ୍ରା



ଅମ୍ବାଦଳା,୨୩।୧(ସମିସ): ଅଯୋଧ୍ୟାର ଭଗବାନ ଶ୍ରୀରାମ ମନ୍ଦିର ନିର୍ମାଣର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଅମ୍ବାଦଳା ଅଞ୍ଚଳରେ ଭକ୍ତି ଭାବ ପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅମ୍ବାଦଳା ଅଞ୍ଚଳର ରାମ ଓ ଶ୍ୟାମ ପ୍ରେମୀମାନଙ୍କ ଦ୍ୱାରା ଅମ୍ବାଦଳା ଶାନ୍ତି ଛକ ଠାରେ ଏହି ପବିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମଙ୍କ ବିଗ୍ରହ ପୂଜା ହୋମ, ଯଜ୍ଞ, ଶୋଭାଯାତ୍ରା ସହ ସନ୍ଧ୍ୟା ସମୟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅଞ୍ଚଳରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସକାଳ ୮ ଘଟିକା ସମୟରୁ ପୂଜା ଓ ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମଧ୍ୟାହ୍ନ ସମୟରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ଅମ୍ବାଦଳା ସହର ପରିକ୍ରମା କରିଥିଲେ। ଜୟ ଶ୍ରୀରାମ ଧ୍ୱନୀରେ ସାରା ସହରରେ ଏକ ପ୍ରକାର ଭକ୍ତି ଭାବ ପୂର୍ଣ୍ଣ ପରିବେଶ ସୃଷ୍ଟି ହେଉଥିଲା। ସନ୍ଧ୍ୟା ସମୟରେ ସୁଦୂର ରାୟପୁର ଓ ସମ୍ବଲପୁରରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ରାମ ଶ୍ୟାମ ପ୍ରେମୀ ମାନଙ୍କ ତରଫରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଜାତୀୟ କନ୍ୟାସନ୍ତାନ ଦିବସ ପାଳିତ

ରାୟଗଡା, ୨୩।୧(ସମିସ): ରାୟଗଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୬ ଉତ୍ସାହର ସହ ପାଳନ କରାଯାଇଛି। କାର୍ଯକ୍ରମରେ ସୁରକ୍ଷା ଅଧିକାରୀ ପ୍ରତିମା ରାଣୀ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମିନତୀ ଦେଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ସମ୍ମାନିତ ଅତିଥି ଭାବେ ଡ. ଅର୍ଚ୍ଚନା ପଟ୍ଟନାୟକ, ଅଧ୍ୟକ୍ଷା ମହିଳା ମହାବିଦ୍ୟାଳୟ, ଡ. କେ ସ୍ୱଧାରଣୀ , ରାଜନୀତି ଅଧ୍ୟାପକ, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ କୈଳାଶ ଚନ୍ଦ୍ର ସାହୁ, ଅଧ୍ୟାପକ ବଳରାମ ତୁଳ , ଇତିହାସ ଅଧ୍ୟାପକ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାର୍ଯକ୍ରମକୁ ଦିବାକର ପରିଚ୍ଛା . ଜିଲ୍ଲା ସଂଯୋଜକ,ସଂକଳ୍ପ ହବ ପରିଚାଳନା କରିଥିଲେ। ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ତଥା ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇଥିଲେ। ନିଜର ଅଭିଭାଷଣରେ ଅର୍ଚ୍ଚନା ପଟ୍ଟନାୟକ, ଅଧ୍ୟକ୍ଷା ମହିଳା ମହାବିଦ୍ୟାଳୟ ବକ୍ତବ୍ୟ ରଖିଥିଲେ। ର କେ ସ୍ୱଧାରଣୀ, ନିଜକୁ ଶିକ୍ଷିତ, ସଶକ୍ତ ହେବାକୁ ପରାମର୍ଶ ଦେଇଥିଲେ। ଶ୍ରୀମତୀ ପ୍ରତିମା ରାଣୀ ଦାସ, ନାରୀ କେନ୍ଦ୍ରିକ ଯୋଜନା, ଆଇନରେ ଥିବା ଅଧିନିୟମ ଗୁଡିକ ପ୍ରାଞ୍ଜଳ ଭାବରେ ବୁଝେଇଥିଲେ। କଳା , କ୍ରିଡା ଓ ଶିକ୍ଷା କ୍ଷେତ୍ରର ତିନି ତିନି ଜଣ କୃତୀ ଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯକ୍ରମ ଶେଷରେ ପ୍ରତିମା ରାଣୀ ଦାସ ଲୈଙ୍ଗିକ ଭେଦଭାବ ଦୂର କରିବା ପାଇ ଏକ ଶପଥ ପାଠ କରେଇଥିଲେ। ମହିଳା ମହାବିଦ୍ୟାଳୟ ରାୟଗଡ଼ା ଇତିହାସ ଅଧ୍ୟାପକ ବଳରାମ ତୁଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବି

କୋରାପୁଟ,୨୩।୧(ସମିସ):

କୋରାପୁଟ ଜିଲ୍ଲାର ଦୁର୍ଗମ ଅଞ୍ଚଳର ଗ୍ରାମଗୁଡିକରେ ମୋବାଇଲ ଟାୱାର ସ୍ଥାପନ କରାଯାଉଛି। କିନ୍ତୁ ସହର ନିକଟରେ ଥିବା ଏକ ଗାଁରେ ମୋବାଇଲ ଟାୱାର ସ୍ଥାପନ କରିବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ସେହି ଗ୍ରାମଟି ହେଉଛି କୁତୁଗାଁ। ଯାହାକି ସେମିଳିଗୁଡା ସହର ଠାରୁ ଅଳ୍ପ ଦୂରରେ ରହିଛି। ଆଜିକାଲି ଡିଜିଟାଲ ଯୁଗରେ ସବୁକିଛି ମୋବାଇଲ ଦ୍ୱାରା ନେଣଦେଣ ଏବଂ ଛାତ୍ରଛାତ୍ରୀ ମାନେ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷା ଗ୍ରହଣ କରୁଛନ୍ତି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ଭେଟି ମୋବାଇଲ ଟାୱାର ସ୍ଥାପନ କରିବାକୁ ଦାବି କରଯାଇଛି। ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କୁ ଡାକି ଗାଁଟି ଲିଷ୍ଟରେ ଅଛି କି ନାହିଁ, ତାହା ଅବଗତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ସେମିଳିଗୁଡା ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରୀ କହିଛନ୍ତି। ଜିଲ୍ଲାପାଳଙ୍କୁ ଭେଟିଲା ପରେ ଗାଁରେ ମୋବାଇଲ ଟାୱାର ସ୍ଥାପନ ହେବ ବୋଲି ଆଶା ରହିଛି ବୋଲି ସେ କହିଛନ୍ତି।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

ଉମରକୋଟ,୨୩।୧ (ସମିସ): ବିଦ୍ୟାଳୟ ସ୍ତରୀୟ ପିଏମଶ୍ରୀ ଉତ୍ସବ ନୋଡାଲ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିଙ୍କ ଦ୍ୱରା କାର୍ଯ୍ୟକ୍ରମରେ ଆମ୍ରକୂଟ ପତ୍ରିକା ଉନ୍ମୋଚନ କରାଯାଇଛି। ଏହି ବିଦ୍ୟାଳୟ ୧୯୬୩ ମସିହା ସର୍ବ ପୁରାତନ ବିଦ୍ୟାଳୟ । ଏହି କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ ଛତ୍ରପତି ସାହୁ, ପୌର ପରିଷଦ ଅଧ୍ୟକ୍ଷା ରାଧା ଭଦ୍ରା,ବ୍ଲକ ଅଧ୍ୟକ୍ଷା ଶୁଶିଳା ମାଝୀ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ସାଇନାରାୟଣ ପାଢ଼ୀ , ଅତିରିକ୍ତ ତହସିଲଦାର ନିଳାମ୍ବର ପୂଜାରୀ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱରର ଚନ୍ଦ୍ର ମାଝୀ, ଓ ପିଏମ ଶ୍ରୀ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା କୁଆଁର ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାର୍ଥୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

## କ୍ରୀଡ଼ା ପୁରସ୍କାର ବିତରଣ କାର୍ଯ୍ୟକ୍ରମ





ଦୁର୍ଗୀ, ୨୩।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ଦୁର୍ଗୀ ଗ୍ରାମ ସ୍ଥିତ ପଞ୍ଚାୟତ ସମିତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୨ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସମେତ ପୁରସ୍କାର ବିତରଣ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ କ୍ରୀଡା ଉତ୍ସବ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜୟକୁମାର କୁମୁରୁକା, ସମ୍ମାନିତ ଅତିଥି ଭାବେ ଦୁଇ ବରିଷ୍ଠ ଶିକ୍ଷକ ଅନନ୍ତ ପଟ୍ଟନାୟକ, ପ୍ରମୋଦ ରଥ, ଭବାନୀ ପ୍ରସାଦ ପାତ୍ର, ବୃନ୍ଦାବନ ମହାପାତ୍ର ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଅରକ୍ଷିତ ପୁରୁଷୋତ୍ତମ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ଦୌଡ଼କୁଦ, ଲମ୍ବଡିଆଁ, ଉଚ୍ଚଡିଆଁ, ଗୋଲାଫିଙ୍ଗା, ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିବା ବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ଖେଳାଳୀ ମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ପ୍ରମାଣପତ୍ର ଦେଇଥିଲେ। ଏଥିରେ ଶ୍ରେଷ୍ଠ ବିଜେତା ଚନ୍ଦନ କଣ୍ଡାଗରୀ ହାସଲ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ କ୍ରୀଡା ଶିକ୍ଷକ ଇନ୍ଦ୍ରମଣି ପାଣ୍ଡେ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ.

## ପଦ୍ମନ ବିଶୋଇ ଜିଲ୍ଲା କଂଗ୍ରେସ ଉପ ସଭାପତି



କୋଷାଗୁମୁଡ଼ା, ୨୩।୧(ସମିସ): ଜିଲ୍ଲା କଂଗ୍ରେସ କମିଟିର ଉପ ସଭାପତି ଭାବେ କୋଷାଗୁମୁଡା ବ୍ଲକ କେର୍ଲା ଗ୍ରାମର ପଦ୍ମନ ବିଶୋଇଙ୍କୁ ଚୟନ କରାଯାଇଛି। ସେହିପରି କୋଷାଗୁମୁଡା ବ୍ଲକର ସଭାପତି ଭାବେ ଧନୁର୍ଜୟ ବିଶୋଇ ଓ ବାବୁଲି ବାଘକୁ ଏକ୍‌ଜିକ୍ୟୁଟିଭ୍ ସଦସ୍ୟ ଭାବେ ଚୟନ କରାଯାଇଛି। ଏହାକୁ ନେଇ ବର୍ତ୍ତମାନ କୋଷାଗୁମୁଡା ବ୍ଲକର କଂଗ୍ରେସ ଦଳର ସମସ୍ତ କର୍ମୀଙ୍କ ମହଲରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ପଦ୍ମନ ବିଶୋଇ ଓ ଧନୁର୍ଜୟ ବିଶୋଇ ,ବାବୁଲି ବାଘଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ଆସୁଛି।

## ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା

କୁନ୍ଦୁରା, ୨୩।୧(ସମିସ): କୁନ୍ଦୁରା ବ୍ଲକ ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଠାରୁ ସାଗରଗୁଡା ଦେଇ କୁନ୍ଦୁରା ସହର ପରିକ୍ରମା କରିଥିଲେ। ହାତରେ ବିଭିନ୍ନ ସଚେତନ ବାର୍ତ୍ତା ଧରି ସ୍ଲୋଗନ ଦେଇ ଲୋକଙ୍କୁ ସଚେତନ କରିଥିଲେ। ବିଶେଷ ଭାବରେ ବିନା ହେଲମେଟରେ ଯାତ୍ରା କରିବା, ମଦ ପିଇ ଗାଡି ଚାଳନା କରିବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର କରିବା, ଦୃତ ଗତିରେ ଗାଡି ଚାଳନା କରିବା, ଧାର୍ଯ୍ୟ ଓଜନ ଠାରୁ ଅଧିକ ମାଲ ପରିବହନ କରିବା ଆଦି ଦୁର୍ଘଟଣା ଘଟିବାର ପ୍ରମୁଖ କାରଣ ବୋଲି ପଥଚାରୀ ଏବଂ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁର୍ଗାମାଧବ ଦାଶ ଓ ଶତାବ୍ଦୀ ପ୍ରଜ୍ଞା ମିଳିତ ଭାବେ ପରିଚାଳନା କରିଥିଲେ। ଏହି ରାଲିରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## କେବେ କାର୍ଯ୍ୟକ୍ଷମ ହେବ ସୁପରମାର୍କେଟ କମ୍ପ୍ଲେକ୍ସ ପାର୍କିଂ ସ୍ଥାନ

କୋରାପୁଟ,୨୩।୧(ସମିସ): କୋରାପୁଟ ସୁପର ମାର୍କେଟ କମ୍ପ୍ଲେକ୍ସର ପାର୍କିଂ ସ୍ଥଳୀ କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ କେତେକ ବ୍ୟବସାୟୀ ଜିଲ୍ଲାପାଳ ଓ କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତଳ ମହଲାରେ ପାର୍କିଂସ୍ଥଳୀ କରିବାକୁ ପ୍ରସ୍ତାବ ରହିଛି। ତଳ ମହଲାର ପାର୍କିଂସ୍ଥଳୀରେ ଅନେକ ବର୍ଷ ହେବ ପୁରୁଣା ଅଦରକାରୀ ଜିନିଷ ପଡ଼ି ରହିଛି। ଯାହାକୁ ଅନ୍ୟତ୍ର ସ୍ଥାନାନ୍ତର କଲେ ସେଠାରେ ଜନସାଧାରଣ ଦୁଇ ଚକିଆ ଯାନ ପାର୍କିଂ କରିବେ। ତଳ ମହଲାରେ ଦୁଇ ଜଣ ବ୍ୟବସାୟୀଙ୍କୁ ଷ୍ଟଲ ଆବଣ୍ଟନକୁ ନେଇ କିଛି ବ୍ୟବସାୟୀ ଜିଲ୍ଲାପାଳ ଏବଂ କୋରାପୁଟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଥମ ମହଲାର ସମସ୍ତ ୨୨ଟି ଷ୍ଟଲ ଆବଣ୍ଟନ ହୋଇଯାଇଛି। ପ୍ରଥମ ମହଲାରେ ଏ ପର୍ଯ୍ୟନ୍ତ ଆଲୋକୀ କରଣ ଏବଂ ଶୌଚାଳୟରେ ପାଣିର ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ହେଉଛି। ଏହାକୁ ତୁରନ୍ତ କରିବାକୁ ଦାବି ହେଉଛି। ପ୍ରଥମ ମହଲାରେ ଆଲୋକି କରଣ ଏବଂ ଶୌଚାଳୟରେ ପାଣିର ବ୍ୟବସ୍ଥା କରାଯିବ ବୋଲି କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ୨ ମାସରୁ ଅଧିକ ହେବ ଷ୍ଟଲ ଆବଣ୍ଟନ କରାଯାଇଥିଲେ ସୁଦ୍ଧା ଷ୍ଟଲ ଗୁଡିକ ଏ ପର୍ଯ୍ୟନ୍ତ ଖୋଲାଯାଇ ନ ଥିବା ଜଣାପଡିଛି। ଅନେକ ଷ୍ଟଲରେ ଚାବି ପଡ଼ିଥିବା ଦେଖିବାକୁ ମିଳିଛି। ଯେଉଁମାନେ ଦୋକାନ କରିବାକୁ ଷ୍ଟଲ ନେଇଛନ୍ତି ସେମାନେ କିପରି ଦୋକାନ ଖୋଲିବେ ସେଥିପ୍ରତି ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଦରକାର। ତଳ ମହଲା ଏବଂ ପ୍ରଥମ ମହଲା ପାଇଁ ରାତ୍ରୀ ଜଗୁଆଳୀର ବ୍ୟବସ୍ଥା କରିବାକୁ ଦାବି ହେଉଛି। ମାର୍କେଟ କମ୍ପେ୍ଲକ୍ସରେ ଯଥାଶୀଘ୍ର ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରି ତୁରନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା









ଜୟପୁର,୨୩।୧(ସମିସ) : ଜୟପୁର ସହରର ସରକାରୀ, ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ସଂଗୀତ ପ୍ରତିଷ୍ଠାନ ସହ ବିଭିନ୍ନ ସ୍ଥାନରେ ବସନ୍ତ ପଞ୍ଚମୀ ଅବସରରେ ବାଗ୍‌ଦେବୀ ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି ଓ ଫଟୋ ପୂଜା କରାଯାଇଛି। ବାଗଦେବୀ ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି ଏବଂ ଫୋଟକ ବିଧି ଅନୁଯାୟୀ ପୂଜାର୍ଚ୍ଚନା ଓ ହୋମଯଜ୍ଞ ମାଧ୍ୟମରେ ପୂଜାର୍ଚ୍ଚନା କରାଯିବା ସହିତ ଦେବୀଙ୍କ ପ୍ରସାଦ ଛାତ୍ରୀଛାତ୍ରୀ ଏବଂ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ଜୟପୁର ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ବିଭାଗର ଭବନରେ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗଦିଶ ଚନ୍ଦ୍ର ନାୟକ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ, ଚନ୍ଦନବାଡ ଉଚ୍ଚ ବିଦ୍ୟାଳୟ, ପୌର ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ, ସିଟି ଉଚ୍ଚ ସ୍କୁଲ, ଅରବିନ୍ଦ ନଗର ଏବଂ ଶାରଦା ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଡର୍ଣ୍ଣ ଇଂଲିଶ ସ୍କୁଲ, ଇରିଗେସନ କଲୋନୀ ଉଚ୍ଚ ବିଦ୍ୟାଳୟ, ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ





ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପୂଜାର୍ଚ୍ଚନା ବେଳେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହିଥିଲେ। ଏହି ପବିତ୍ର ଦିବସରେ ବିଦ୍ୟାଳୟ ଗୁଡିକରେ ଛୋଟ ପିଲାମାନଙ୍କ ବିଦ୍ୟାର ଶୁଭାରମ୍ଭ ହୋଇଥାଏ। ସେହିପରି ଜୟପୁର ସ୍ୱରଝଙ୍କାର ସଂଗୀତ ଅନୁଷ୍ଠାନ ପକ୍ଷରୁ କେବିଏସଡି ରୋଡ ବାଘଭଣ୍ଡାର ସାହି ଛକସ୍ଥିତ ସଂଗୀତ ଓ ବାଦ୍ୟଯନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ରର ମୁଖ୍ୟ ଧିରେନ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଏବଂ ସଂଗୀତଜ୍ଞଙ୍କ ଉପସ୍ଥିତିରେ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆୟୋଜିତ ହୋଇଥିଲା।

**ପଟ୍ଟାଙ୍ଗି:** କୋରାପୁଟ ଜିଲ୍ଲା ସେଣ୍ଟ ଜାଭିୟର ପଟ୍ଟାଙ୍ଗି ବିଦ୍ୟାଳୟରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟରେ ବିଦ୍ୟାଧାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅତି ଆଡମ୍ବର ସହ ପାଳିତ ହୋଇଥିଲଣ। ସେଣ୍ଟ ଜାଭିୟର ପଟ୍ଟାଙ୍ଗି ର ଅଧ୍ୟକ୍ଷ ମନୋରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଶିବ ଚରଣ ପାଣି ମୁଖ୍ୟ ଅତିଥି , ସମ୍ମାନିତ ଅତିଥି ଭାବେ ସଚିବ ସୁଜାତା ନନ୍ଦ ଯୋଗଦାନ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ରହି ମାଆଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ।

**ଡାବୁଗାଁ :** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନରେ ଶୁକ୍ରବାର ଧୂମଧାମରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି । ଆଜି ସକାଳୁ ଛାତ୍ରୀ ଛାତ୍ର ମାନେ ନୂତନ ବସ୍ତ୍ର ପରିଧାନ କରି ହାତରେ ପୂଜା ସାମଗ୍ରୀ ଧରି ବିଦ୍ୟାଳୟକୁ ଯାଉଥିବା ଦେଖିବାକୁ ମିଳିଥିଲା ।

**ସେମିଳିଗୁଡା, :** କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକର ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନରେ ଶୁକ୍ରବାର ମା' ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଗୁଡିକରେ ଆକର୍ଷଣୀୟ ଢଙ୍ଗରେ ସାଜସଜ୍ଜା କରାଯିବା ସହ ମା' ସରସ୍ୱତୀ ପ୍ରତିମୂର୍ତ୍ତି ସ୍ଥାପନ କରି ପୂଜା ଅର୍ଚ୍ଚନା କରାଯାଇଛି। ଛୋଟ ପିଲା ମାନଙ୍କୁ ମା' ସରସ୍ୱତୀଙ୍କ ନିକଟରେ ଖଡ଼ି ଛୁଆଁ ଦେଇ ଅଭିବାଭକ ମାନେ ଶିକ୍ଷା ଆରମ୍ଭ କରିଥିଲେ। ସେମିଳିଗୁଡା ପ୍ରେସ କ୍ଲବ ଠାରେ ମଧ୍ୟ ଶ୍ରୀପଞ୍ଚମୀ ପୂଜା ପାଳିତ ହୋଇଯାଇଛି। ସେମିଳିଗୁଡା ଦେଓମାଳି ପବ୍ଲିକ ସ୍କୁଲ, ନେତାଜୀ ଇଂଲିଶ ମିଡିଅମ୍, ସରସ୍ୱତୀ ଶିଶୁ ମନ୍ଦିର, ସେମିଳିଗୁଡା ମହାବିଦ୍ୟାଳୟ ଠାରେ ସରସ୍ୱତୀ ପୂଜା ପାଳନ ହୋଇଛି।

**ଗୁଡାରି :** ପ୍ରତ୍ୟେକ ସରକାରୀ ବେସରକାରୀ ବିଦ୍ୟାଳୟ ଗୁଡ଼ିକରେ ସରସ୍ୱତୀ ପୂଜା ପାଳନ କରାଯାଇଛି। ଗୁଡାରୀ ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ମାନେ ପୂଜା କରିଥିଲେ। ଛୋଟ ଛୋଟ ପିଲାମାନଙ୍କୁ ଗୁରୁଜୀ ଗୁରୁମା ଖଡ଼ି ଧର ପାଠ୍ୟକ୍ରମ ଆରମ୍ଭ କରିଥିଲେ। ଶିଶୁ ମନ୍ଦିରରେ ୫୦ ଜଣ ପିଲା ନିଜ ପିତାମାତାଙ୍କ ସହ ଆସି ଖଡିଧରି ଶିକ୍ଷା ଆରମ୍ଭ କରିଥିଲେ। ବିଦ୍ୟାଳୟ ଗୁଡ଼ିକର ମା'ଙ୍କ ପୂଜା ତିନି ଦିନ ଧରି ଅସ୍ଥାୟୀ ମଣ୍ଡପରେ ହେବ।

**ମୁନିଗୁଡା :** ମା' ସରସ୍ୱତୀଙ୍କ ପୂଜା ପାଇଁ ଚଳଚଞ୍ଚଳ ରାୟଗଡ଼ା ଜିଲ୍ଲା ମୁନିଗୁଡା ଅଞ୍ଚଳର ବିଭିନ ଶିକ୍ଷାନୁଷ୍ଠାନ। ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ହେଉଛି। ମୁନିଗୁଡ଼ା ଅଞ୍ଚଳର ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀ ପୂଜା ଅର୍ଚ୍ଚନା ହୋଇଥିବା ବେଳେ ଅମ୍ବାଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଇଚ୍ଛାପୁର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସାମନ୍ତ ମହାବିଦ୍ୟାଳୟ, ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅମ୍ବାଦଳା ସେବାଶ୍ରମ, ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ି ସେବାଶ୍ରମ, ମୁନିଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠୁ ଆରମ୍ଭ କରି ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଖୁବ୍ ନିଷ୍ଠାର ସହ ପବିତ୍ର ସରସ୍ୱତୀ ପୂଜା ଧୁମଧାମରେ ପାଳନ କରାଯାଇଛି।

## ବଣ୍ଡାଘାଟିରେ ବିକାଶମୂଳକ କାମ ନେଇ ପ୍ରଶ୍ନବାଚୀ

# ନିମ୍ନମାନର ରାସ୍ତା କାମ; ଗ୍ରାମବାସୀଙ୍କ ଆନ୍ଦୋଳନ



ଖଇରପୁଟ, ୨୩।୧(ସମିସ): ମଲକନାଗିରି ବଣ୍ଡାଘାଟି ଅଞ୍ଚଳରେ ବିକାଶ କାମ ପୁଣିଥରେ ବିବାଦରେ ଫସିଛି। ଦୀର୍ଘ ବର୍ଷର ଅପେକ୍ଷା ପରେ ଆରମ୍ଭ ହୋଇଥିବା ମୁଦୁଲି ପଡ଼ା ଠାରୁ ବିଷୋୟୀଗୁଡ଼ା ଦେଇ ପାତ୍ରପୁଟ ଗାଁକୁ ଯୋଡ଼ିବା ରାସ୍ତା ନିର୍ମାଣ କାମକୁ ନେଇ ଏବେ ଗୁରୁତର ଅଭିଯୋଗ ଆସିଛି। ନିମ୍ନମାନର କାମ ହେଉଥିବା ଅଭିଯୋଗ କରି ଗ୍ରାମବାସୀମାନେ ରାସ୍ତା କାମ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି ବଣ୍ଡା ଜନଜାତିଙ୍କ ପାଇଁ ଏହି ରାସ୍ତା ଏକ ପ୍ରକାର ଜୀବନରେଖା ଭାବେ ଦେଖାଯାଉଥିଲା। ଯାତାୟାତ, ଚିକିତ୍ସା, ଶିକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ଏହି ରାସ୍ତା ଅତ୍ୟନ୍ତ ଜରୁରୀ ଥିଲା। କିନ୍ତୁ ରାସ୍ତା କାମ ଆରମ୍ଭ ହେବା ସହିତ ସହିତ ଗୁଣାତ୍ମକତାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଟେଣ୍ଡର ମାଧ୍ୟମରେ ପାଣ୍ଡୁରଙ୍ଗା ଠିକା ସଂସ୍ଥା ଏହି ରାସ୍ତା କାମର ଦାୟିତ୍ୱ ନେଇଥିବା ବେଳେ, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ମେଟାଲ ଉପରେ ମୁରୁମ୍ ବ୍ୟବହାର କରିବା ପରିବର୍ତ୍ତେ ମାଟି ପକାଇ ରୋଲିଂ କରାଯାଉଛି। ତା'ପରେ ଗୋଟିଏ ଗୋଟିଏ ଚିପ୍ସ ରଖି ମିଶ୍ଚର ମେସିନ ଦ୍ୱାରା ବଜୁରି ମିଶାଇ ପିଚ୍ କାମ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି କାମ ହେଲେ ଅଳ୍ପ ଦିନ ମଧ୍ୟରେ ରାସ୍ତା ନଷ୍ଟ ହୋଇଯିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଚାଲୁଥିବା କାମର ଗୁଣମାନ ନେଇ ପ୍ରଶ୍ନ ଉଠିଥିଲା। ରାସ୍ତା ଉପରେ ଥିବା ଚିପ୍ସ ହାତ ମାରିଲେ ସହଜରେ ଖସି ପଡୁଥିବା ଦେଖାଯାଇଥିଲା, ଯାହା ନିର୍ମାଣ କାମର ଦୁର୍ବଳତାକୁ ସ୍ପଷ୍ଟ କରୁଛି। ଏହା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା କାମକୁ ବନ୍ଦ କରି ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ ଦେଇଛନ୍ତି। ଏହା ସହିତ ଆଜି ସାଂସଦଙ୍କୁ ମଧ୍ୟ ଭେଟି ରାସ୍ତା କାମର ନିମ୍ନମାନ ଓ ଠିକା ସଂସ୍ଥାର ଅନିୟମିତତା ସମ୍ପର୍କରେ ଅବଗତ କରାଯାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଯେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସଠିକ୍ ଭାବେ ତଦାରଖ କରାଯାଉନାହିଁ। କେବଳ ତରବରିଆ ଭାବେ କାମ ସାରିବାକୁ ଚେଷ୍ଟା ହେଉଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସେମାନେ କହିଛନ୍ତି। ପାଣ୍ଡୁରଙ୍ଗା ଠିକା ସଂସ୍ଥା ପୂର୍ବରୁ ମଧ୍ୟ ମାଲକାନଗିରି ଜିଲ୍ଲାରେ ଏଭଳି ନିମ୍ନମାନର କାମ କରିଥିବା ଅଭିଯୋଗ ଉଠିଛି। ଗ୍ରାମବାସୀ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ଯଦି ରାସ୍ତା କାମ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ପୁନଃ କରାନଗଲେ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ। ବଣ୍ଡାଘାଟିରେ ବିକାଶ ନାଁରେ ଯଦି ଏଭଳି ନିମ୍ନମାନର କାମ ହୁଏ, ତେବେ ବଣ୍ଡା ଜନଜାତିଙ୍କ ସତ୍ୟ ବିକାଶ କେବେ ହେବଏହି ପ୍ରଶ୍ନ ଏବେ ସାଧାରଣରେ ଉଠୁଛି। ଏବେ ସବୁଙ୍କ ନଜର ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଠିକା ସଂସ୍ଥା ବିରୋଧରେ କଡ଼ା ପଦକ୍ଷେପ ନିଆଯିବ କି ନାହିଁ, ସେଥିପାଇଁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

● ଯୌତୁକ ନିର୍ଯାତନା ଅଭିଯୋଗ

## ସ୍ୱାମୀ, ଶାଶୁ, ଶଶୁର ଓ ନଣନ୍ଦଙ୍କ ନାଁରେ ମାମଲା

କାଲିମେଲା,୨୩।୧(ସମିସ): ମାଲକାନାଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି -୮୦ ଗ୍ରାମର ଅମିୟ ମଣ୍ଡଳଙ୍କ ଝିଅ ସପ୍ନା ମଣ୍ଡଳଙ୍କୁ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ନଣନ୍ଦ ଯୌତୁକ ନିର୍ଯାତନା ଦେଇଥିବା ନେଇ କାଲିମେଲା ଥାନାରେ ମାମଲା ରୁଜୁ ହୋଇଛି। ସପ୍ନା ମଣ୍ଡଳଙ୍କ ମାଆ ଦୀପାଳି ମଣ୍ଡଳ ଏହି ମାମଲା ରୁଜୁ କରିଛନ୍ତି। ସୂଚନା ଅନୁଯାୟୀ , ଦୁଇ ବର୍ଷ ପୂର୍ବେ ଏମ୍‌ପିଭି -୫୨ ଗ୍ରାମର ଶଶୀଭୂଷଣ ମଣ୍ଡଳଙ୍କ ପୁଅ ସଞ୍ଜୟ ମଣ୍ଡଳ ଏମଭି -୮୦ ଗ୍ରାମର ସପ୍ନା ମଣ୍ଡଳଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଏକ କନ୍ୟା ସନ୍ତାନ ମଧ୍ୟ ରହିଛି। ତେବେ ବାହାଘର ବେଳକୁ ଶାଶୁଘର ଲୋକେ ଯୌତୁକ ଦାବି କରି ନଥିବା ବେଳେ ମଝିରେ ମଝିରେ ଗଣ୍ଡଗୋଳ ଲାଗି ରହିଥିଲା। ଏହାରି ମଧ୍ୟରେ ଶାଶୁଘର ଲୋକେ ଅଧିକା ଯୌତୁକ ଦାବି କରି ସପ୍ନାଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। କୌଶଳ କ୍ରମେ ପ୍ରାଣ ବିକଳରେ ସେମାନଙ୍କ କବଳରୁ ଖସିଆସି ବାପ ଘରେ ଖବର ଦେଇଥିଲେ। ଖବର ପାଇଁ ବାପ ଘର ଲୋକେ ଝିଅକୁ ଉଦ୍ଧାର କରି କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଉଥିବା ଜଣାପଡ଼ିଛି। ସପ୍ନାଙ୍କ ମାଆ ଏନେଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତିକରି କାଲିମେଲା ଥାନାରେ କେସ ନମ୍ବର ୧୭/୨୬ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତ କାରୀ ଅଧିକାରୀ ଏସ୍‌ଆଇ ବିଜୟ କୁମାର ମାଝୀ ସୂଚନା ଦେଇଛନ୍ତି।

## କୂଅରୁ ଭାଲୁ ଉଦ୍ଧାର

କାଲିମେଲା,୨୩।୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ରେଞ୍ଜ ଅନ୍ତର୍ଗତ ଏମପିଭି-୨୬ ଗାଁ ନିକଟରେ ୧୦ ଫୁଟର ମୁକୁଳା କୂଅରେ ପଡିଥିବା ଭାଲୁକୁ ବନବିଭାଗ ଉଦ୍ଧାର କରିଛି। ଖାଦ୍ୟ ଅନ୍ୱେଷଣରେ ଆସି କୂଅ ଭିତରେ ପଡ଼ିଥିଲା ଭାଲୁ। ସୂଚନା ଅନୁଯାୟୀ ଗୁରୁବାର ରାତିରେ ଭାଲୁଟି ଗାଁ ଭିତରେ ପଶିଥିବା ବେଳେ ଗ୍ରାମର ବିରେନ ବିଶ୍ୱାସଙ୍କ ବାରିପଟେ ଥିବା କୂଅରେ ପଡିଯାଇଥିଲା। କୂଅଟି ଗଭୀର ଥିବାରୁ ଭାଲୁଟି ବାହାରକୁ ବାହାରି ନପାରି ଚିତ୍କାର କରୁଥିଲା। ଶୁକ୍ରବାର ସକାଳୁ ସକାଳୁ ଗାଁ ଲୋକ ଦେଖିବା ପରେ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇଁ କାଲିମେଲା ରେଞ୍ଜର



ବିଜୟ କୁମାର ନାୟକ, ଫରେଷ୍ଟର ମୃତ୍ୟୁଞ୍ଜୟ ସେଠୀ ଏବଂ ମାଲକାନଗିରି ସ୍ଥିତ ବନ୍ୟଜନ୍ତୁ ଉଦ୍ଧାରକାରୀ ଟିମର କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଭାଲୁଟି କୂଅ ଭିତରେ ଗାତ ଖୋଳି ସେଠାରେ ପଶି ରହିଥିବା ବେଳେ ଉଦ୍ଧାର କାରୀ ଦଳ କୂଅ ଉପରେ ଯନ୍ତା ଏବଂ ଜାଲ ବିଛାଇ ଜଗିବସିଥିବା ଦେଖିବାକୁ ମିଳିଥିଲା। ୫ ରୁ ୬ ଘଣ୍ଟା ଧରି କଠିନ ପରିଶ୍ରମ କରିବା ପରେ କୂଅ ଭିତରୁ ଭାଲୁକୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା। ଭାଲୁଟିକୁ ଜଙ୍ଗଲ ମଧ୍ୟକୁ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗତ କିଛି ଦିନ ଧରି କାଲିମେଲା ଫରେଷ୍ଟ ରେଞ୍ଜରେ ଏକ ଭାଲୁ ପଲ ଗାଁରୁ ଗାଁକୁ ବୁଲୁଛନ୍ତି, ଏଥିପ୍ରତି ବନବିଭାଗ ସଜାଗ ରହିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# ସଡ଼କ ଦୁର୍ଘଟଣା ବୃଦ୍ଧିକୁ ନେଇ ସାଂସଦ ସପ୍ତଗିରିଙ୍କ ଉଦ୍‌ବେଗ




ରାୟଗଡ଼ା,୨୩।୧ (ସମିସ): ରାୟଗଡ଼ା ଜିଲ୍ଲାରେ ରାସ୍ତା ଦୁର୍ଘଟଣା ହ୍ରାସ କରିବା ପାଇଁ ଜିଲ୍ଲାସ୍ତରୀୟ ସଂସଦ କ୍ଷେତ୍ର ସଡକ ସୁରକ୍ଷା କମିଟି ବୈଠକ ଆଜି ସପ୍ତଗିରି ଉଲ୍ଲକା, କୋରାପୁଟ ଲୋକ ସଭା ସାଂସଦଙ୍କ ଅଧ୍ୟକ୍ଷତରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଏହି ବୈଠକରେ ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି,ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି,ଆରକ୍ଷୀ ଅଧିକ୍ଷକ ରାୟଗଡା ସୁଶ୍ରୀ ସ୍ୱାତୀ ଏସ୍ କୁମାର, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ସିଡିଏମଓ ଡ଼. ସରୋଜିନୀ ଦେବୀ ସମେତ ଜିଲ୍ଲାର ବ୍ଲକ୍ ଅଧ୍ୟକ୍ଷ-ଅଧ୍ୟକ୍ଷା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବବର୍ଷ ଅପେକ୍ଷା ୨୦୨୫ରେ ସଡକ ଦୁର୍ଘଟଣା ହାର ଅଧିକ ରହିଥିବା ଜଣା ପଡିଛି । ବ୍ୟାପକ ସଚେତନତା କଲେ ମଧ ଦୁର୍ଘଟଣା ଜନିତ ମୃତ୍ୟ ହ୍ରାସ ପାଉ ନ ଥିବାର ସାଂସଦ ଏହି ବୈଠକରେ ଉଦବେଗ ପ୍ରକାଶ କରିଥିଲେ । ସେହିପରି ମାନ୍ୟବର ବିଧାୟକ ରାୟଗଡା ଓ ଗୁଣୁପୁର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପାଲ ବିସ୍ତୃତ୍ୱ ଭାବରେ ସଡ଼କ ସୁରକ୍ଷା କମିଟିର ଭୂମିକା ଓ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା କରିଥିଲେ । ପୂର୍ବବର୍ଷ ମାର୍ଚ୍ଚ, ଅକ୍ଟୋବର ଏବଂ ଡିସେମ୍ବର ମାସରେ ଦୁର୍ଘଟଣାର ସଂଖ୍ୟା ସର୍ବାଧିକ ରହିଥିଲା ଏବଂ ରାୟଗଡ଼ା, ଚାନ୍ଦିଲି, ମୁନିଗୁଡ଼ା, କାଶୀପୁର ଓ ଗୁଣପୁର ରେ ଅଧିକ ସଡ଼କ ଦୁର୍ଘଟଣା ରିପୋର୍ଟ ହୋଇଥିଲା। ଗୁମ୍ମା ଘାଟି ରାସ୍ତା, ପଲୁପାଇ ରାମନାଗୁଡ଼ା ରାସ୍ତା, ମୁନିଗୁଡ଼ା ଆମ୍ବଡୋଲା ରାସ୍ତା ଅତ୍ୟଧିକ ଦୁର୍ଘଟଣା ପ୍ରବଣ ସ୍ଥାନ ପାଲଟିଥିବା ପ୍ରକାଶ କରିଥିଲେ। ଷ୍ଟେଟ୍ ହାଇୱେ ୪୪ ଓ ୫ ରେ ଅଧିକ ଦୁର୍ଘଟଣା ହେଉଥିବା ବେଳେ ଦୁଇଚକିଆ ଓ ପଦଯାତ୍ରୀ ଦୁର୍ଘଟଣାରେ ସର୍ବାଧିକ ପ୍ରଭାବିତ ହେଉଥିବା ଜଣାପଡୁଛି । ଟ୍ରକ୍ ଡ୍ରାଇଭରଙ୍କ ରାତ୍ରି ଟା ଷ୍ଟଲ ଉପରେ ଚର୍ଚ୍ଚା ହୋଇଥିବା ବେଳେ ସାଂସଦ ଓ ଜିଲ୍ଲାପାଳ ଜାତୀୟରାଜପଥରେଅତିବେଗପର୍ଯ୍ୟବେକ୍ଷଣ କ୍ୟାମେରା, ବିଭିନ୍ନ ସ୍ଥାନରେ ବାରିକେଡ୍, କମ୍ପନ ସ୍ପିଡ୍ ବ୍ରେକର ସ୍ଥାପନ, ଅବୈଧ ପାର୍କିଂ ସ୍ଥାନ ଯାଞ୍ଚପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉପରେ ଆଲୋଚନା ହୋଇଥିଲା।

## ରେଳ ଫାଟକ ଲୁହା ରେଲିଂକୁ ଧକ୍କା ଦେଲା ଟ୍ରଲର

ରାୟଗଡ଼ା,୨୩।୧(ସମିସ): ରାୟଗଡ଼ା ବ୍ଲକ ପିତାମହଲ ଅନ୍ତର୍ଗତ ବାଇପାସ୍ ରାସ୍ତାରେ ଥିବା ରେଳ ଫାଟକ ନିକଟରେ ଏକ କାର୍ଗୋ ଟ୍ରଲର ଲୁହା ରେଲିଂକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଦୁର୍ଘଟଣାରେ କେହି ଆହତ ହୋଇନଥିଲେ ମଧ୍ୟ ଲୁହା ରେଲିଂକୁ ଧକ୍କା ଦେବାରୁ ଗାଡ଼ି ସେଠାରେ ଅଟକି ରହିଯାଇଛି। ବର୍ତମାନ ଫ୍ଲାଏ ଓଭର ନିର୍ମାଣ ଚାଲୁ ରହିଥିବା ବେଳେ ଅଣ୍ଡରପାସ୍ ଦେଇ ସ୍ଥାନୀୟ ଲୋକେ ଚଳପ୍ରଚଳ କରୁଛନ୍ତି। ଅନ୍ୟପଟେ ଟ୍ରକ, ଟ୍ରଲର, ଟିପ୍ପର, ବସ ଓ କାର୍ ଆଦି କୋରାପୁଟ କିମ୍ବା ପଡୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଜୟନଗରମ୍ ଓ ବିଶାଖାପାଟଣା ଯିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବରପାଇ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ହଟାଇବାକୁ ଚେଷ୍ଟା କରୁଥିବା ଜଣାପଡ଼ିଛି।

## ଅଜଣା ଗାଡି ଧକ୍କାରେ ନାବାଳକ ବାଇକ୍ ଚାଳକ ମୃତ

ବିଷମକଟକ/ଦୁର୍ଗୀ, ୨୩।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ କୁମ୍ଭାରଧାମୁନି ପଞ୍ଚାୟତର ପଣ୍ଡାବରଡାଗୁଡା ଗ୍ରାମ ରାଜ୍ୟ ସଡ଼କ ପଥର ଏକ ବୁଲାଣି ରାସ୍ତାରେ ଆଜି ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବିଷମକଟକ ବ୍ଲକର ବେଥିଆପଡ଼ା ଗ୍ରାମ ପଞ୍ଚାୟତର କୁଦଭଟା ଗ୍ରାମର ମଣି ହୁଇକାଙ୍କ ପୁଅ ରବୀନ୍ଦ୍ର ହୁଇକା(୧୩)। ଆଜି ଏକ ଅଜଣା ଗାଡି ତାଙ୍କ ସହ ବାଇକ୍‌କୁ ଧକ୍କା ଦେଇ ଥିବାର ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଛି। ରାସ୍ତା ଉପରେ ରବୀନ୍ଦ୍ର ପଡି ରହିଥିବା ବେଳେ ରାସ୍ତାରେ କେହି ନ ଥିବାର ସୁଯୋଗ ନେଇ ଅଜଣା ଗାଡି ଚାଳକ କୌଶଳକ୍ରମେ ଚମ୍ପଟ ମାରିଥିବା ଜଣାପଡିଛି। ପରେ ଖବର ପାଇ ସ୍ଥାନୀୟ ଲୋକ ରବୀନ୍ଦ୍ରଙ୍କୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଦ୍ୱାରା ମୃତ ଶରୀର ବିଷମକଟକ ସିଏଚସିକୁ ନିଆଯାଇଥିବା ବେଳେ ଘଟଣା ସ୍ଥଳରେ ବିଷମକଟକ ପୋଲିସ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି। ତେବେ ଏହି ଦୁର୍ଘଟଣାକୁ ନେଇ ସେଠାରେ ଦୁଇ ଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଯାପିତ



ମାଲକାନଗିରି,୨୩।୧(ସମିସ): ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟ ମାଲାକାନଗିରି ଠାରେ ଦୁଇଦିନ ଧରି ଚାଲିଥିବା ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଂଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଦାଶରଥି ସରାବୁ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ଆବାହକ ବରେଣ୍ୟ ଅତିଥି ମଞ୍ଜୁଲତା ଭୋଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ସୁମିତ ବିଶ୍ୱାସ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଥିଲି, ମମତା ସୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଲକାନଗିରି, ଗାୟତ୍ରୀ ଦେବୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରକଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଦିବସର ପ୍ରଥମାର୍ଦ୍ଧରେ ଆଦର୍ଶ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ପନ୍ଦର ଗୋଟି ପିଏମ ଶ୍ରୀ ବିଦ୍ୟାଳୟରୁ ସାତଶହ ପଚାଷ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। ଅପରାହ୍ନ ରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଦେବରାଜ ସେଠୀ, ସନ୍ଦିପ ଦାଶ, ପ୍ରମୋଦ କୁମାର ସେନାପତି ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ସଞ୍ଜୀବ ବୈଦ୍ୟ, ପ୍ରଧାନ ଶିକ୍ଷକ ଶାନ୍ତିରାଣୀ ବିଶ୍ୱାସ, ଜଗଦୀଶ ସେଠୀ, କାର୍ତ୍ତିକ ବେହେରା, ସ୍ମୃତିକା ସୁକୁଲ, ସୁହାନୀ ବାଘ, ଶଙ୍କର ମହାପାତ୍ର, ନିହାର ଚୌଧୁରୀ, ବିଜୟଲକ୍ଷ୍ମୀ ଚୌଧୁରୀ, ଦୀନବନ୍ଧୁ ବେଜ, ଝୁନୁ ପଟ୍ଟନାୟକ, ରଞ୍ଜନ ବେହେରା ତଥା ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମା ବୀଣାପାଣୀଙ୍କ ପୂଜା ପାଳିତ

କୋରୁକୋଣ୍ଡା,୨୩।୧(ସମିସ): ମାଲକାନଗିରି ଜିଲ୍ଲାରେ ମଧ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା ବୀଣାପାଣୀଙ୍କ ପୂଜା ପାଳିତ ହୋଇଯାଇଛି। ଜିଲ୍ଲା ସଦର ମାଲକାନଗିରି ମହାବିଦ୍ୟାଳୟ, ଘଡେଇ ଆବାସିକ ମହାବିଦ୍ୟାଳୟ, ସତ୍ୟ ନାରାୟଣ ମହାବିଦ୍ୟାଳୟ ସମେତ ଅନେକ ଅନୁଷ୍ଠାନରେ ଛାତ୍ର ଛାତ୍ରୀ ମାନେ ଦେବୀ ସରସ୍ୱତୀଙ୍କ ଆରାଧନା କରିଥିଲେ। ସେହିପରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ଅଧୀନ ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ମଧ୍ୟ ବୀଣାପାଣିଙ୍କ ପୂଜା ଧୁମ ଧାମରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ସଦାଶିବପୁର ଗ୍ରାମରେ ମଧ୍ୟ ବହୁ ଆଡମ୍ବରରେ ମାଙ୍କ ପୂଜା ପାଳନ କରିଥିଲେ। ଏଠାରେ ଯିଏ ଯାହା ମନାଶାନ୍ତି ଫଳ ପ୍ରଦ ହୁଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଥିବା ପୂଜା ଦୟୀତ୍ୱରେ ଥିବା ସଭାପତି ଭଗବାନ ସୀସା, ସମ୍ପାଦକ ଖଗପତି ମାଝୀଙ୍କ ସମେତ ନାରାୟଣ ମାଝୀ, କୈଳାସ ଖରା, ମୁକୁନ୍ଦ ପାଙ୍ଗି, ସଞ୍ଜୀବ ସନ୍ୟା, ଡମ ମଝି, ଲବଣୀ କୁମାର ନାୟକ, ଅନନ୍ତ ଦଳପତି, ମଙ୍ଗୁ ଜାର୍ସିଂଗ କହିଛନ୍ତି। ଗ୍ରାମରେ ତିନିଦିନ ଧରି ଏହି ପୂଜା ହେଉଥିବା ବେଳେ ପ୍ରତେକ ଦିନ ରାତିରେ ବିଭିନ୍ନ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ରବିବାର ଦିନ ବହୁ ଧୁମ ଧାମରେ ମାଙ୍କ ବିସର୍ଜନ କରାଯିବ ବୋଲି ସଭାପତି ଭଗବାନ ସୀସା।

## ଭିବି ଜି ରାମ ଜି ସଚେତନତା କାର୍ଯ୍ୟକ୍ରମ

ଖଇରପୁଟ,୨୩।୧(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କଦମଗୁଡ଼ା ପଞ୍ଚାୟତରେ ଖଇରପୁଟ ପଞ୍ଚାୟତ ସମିତି ପକ୍ଷରୁ ଭିବି ଜି ରାମ ଜି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ଇଂ. ବଳଭଦ୍ର ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ବିଜେପି ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ା, ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନି, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମୁଦୁଲି, ମୁଦୁଲିପଡ଼ା ଥାନା ଅଧିକାରୀ ନିଳୀମା ପାଣିଗ୍ରାହୀ, କଦମଗୁଡ଼ା ସରପଞ୍ଚ ସୂର୍ଯ୍ୟ ନାରାୟଣ ଝିଗିଡି, ଖଇରପୁଟ ଗୋଷ୍ଠି ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଗଣ୍ଡ, ଖଇରପୁଟ ଅତିରିକ୍ତ ତହସିଲଦାର ବ୍ରଜ ପ୍ରଧାନ ପ୍ରମୁଖ ମଞ୍ଚରେ ମଞ୍ଚାସୀନ ଥିଲେ। ଭିବି ଜି ରାମ ଜି ମନରୋଗା ଠାରୁ ଆହୁରି ସଶକ୍ତ ହେବା ସହ ଲୋକଙ୍କ ଅର୍ଥ ବାଟମାରଣା ରୋକି ହେବ ବୋଲି ଅତିଥି ମାନେ ମତ ରଖିଥିଲେ। ଗ୍ରାମାଞ୍ଚଳରେ ୧୨୫ ଦିନ ରୋଜଗାର ଗ୍ୟାରେଣ୍ଟି ରହିଥିବା ବେଳେ ପୂର୍ବପେକ୍ଷା ଏହା ଅଧିକ ଆଦୃତ ହେବବୋଲି କୁହାଯାଇଛି। ମୁଖ୍ୟତଃ ଏହା ଗ୍ରାମାଞ୍ଚଳରେ ଦାଦନ ରୋକିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟ ଅତିଥି ସାଂସଦ ଶ୍ରୀ ମାଝୀ କହିଛନ୍ତି। ବିଦେଶୀ ଦ୍ରବ୍ୟ ବର୍ଜନ କରି ସ୍ୱଦେଶୀ ଆପଣେଇବା ନେଇ ସମସ୍ତେ ଏକ ଶପଥ ପାଠ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝୀ ୮୦ ବର୍ଷରୁ ଉର୍ଦ୍ଧ ବାଧକ୍ୟ ଭତ୍ତା ୨ ଜଣଙ୍କୁ ଓ ବିକଳାଙ୍ଗ ଭତ୍ତା ୨ ଜଣଙ୍କୁ ନୂତନ ଭାବେ ୩୫୦୦ ଭତ୍ତା ପାଇଥିବା ହିତାଧିକାରୀ ମାନଙ୍କୁ ଭତ୍ତା ପ୍ରଦାନ କରିବା ସହ ସେ ଅଞ୍ଚଳର ଲୋକ ମାନଙ୍କୁ ୬ ଟି ପଟ୍ଟା ବଣ୍ଟନ କରିଥିଲେ। ଉପସ୍ଥିତ ଥିବା ଲୋକେ ସାଂସଦ ଶ୍ରୀ ମାଝୀଙ୍କୁ ନିଜ ନିଜର ଅଭିଯୋଗ ଜଣାଇବା ସହ ଲିଖିତ ଭାବେ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଓଏଲଏମ ବିପିଏମ୍ ଚିନ୍ମୟ କୁମାର ସିଂ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ ଓ ପଞ୍ଚାୟତର କର୍ମଚାରୀ ସମ୍ପୂର୍ଣ ସହଯୋଗ କରିଥିଲେ।

## ନେତାଜୀ କ୍ଲବ୍‌ର କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



ଅମ୍ବାଦଳା,୨୩।୧(ସମିସ): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଅମ୍ବାଦଳା ନେତାଜୀ କ୍ଲବ ପକ୍ଷରୁ ଦିନିକିଆ କ୍ରିକେଟ ପ୍ରତିଯୋଗିତା ମୁନିଗୁଡା ବ୍ଲକ ଅନ୍ତର୍ଗତ ଅମ୍ବାଦଳା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଥିବା ବେଳେ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଆଇଆଇସି କଳ୍ପନା ବେହେରା ଯୋଗଦେଇ ଉଦ‍୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅମ୍ଲାଭଟା ସରପଞ୍ଚ ଗୁରୁବାରୀ ଭୋଇ, ଯୁବନେତା ଧୂରେନ୍ଦ୍ର ପାଣିଗ୍ରାହୀ, ବୈଶ୍ୟ ସଙ୍ଘ ସଭାପତି ଜି .ମୁରଲୀ ମୋହନ, ବିଜେପି ଯୁବ ନେତା ନେତା କେ.ପରମେଶ୍ୱର ରାଓ, ନେତାଜୀ କ୍ଲବ ସଭାପତି କେ.ଶ୍ରୀନିବାସ ରାଓ ଯୋଗ ଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଏହି ପ୍ରତିଯୋଗିତାରେ ସ୍ଥାନୀୟ ରେଲୱେ ଟିମ ଓ ଜଗା ପାଲ୍ଟର ଟିମ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ରେଲୱେ ଟିମ ବିଜୟ ଲାଭ କରିଥିଲା। ପରେ ଜେ.ଡି.ଆର ଓ ମୋର୍ଣ୍ଣୀଙ୍ଗ ଇଲେଭେନ ମଧ୍ୟରେ ମୁକାବିଲା ହୋଇଥିଲା ସେଥିରେ ମୋର୍ଣ୍ଣିଙ୍ଗ ଇଲେଭେନ ବିଜୟଲାଭ କରିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ନେତାଜୀ କ୍ଲବ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ନେତାଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ମାଲକାନଗିରି,୨୩।୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ ଭି - ୯୦ ଠାରେ ନେତାଜୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ କରିଛନ୍ତି କାଲିମେଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପାଦକ୍ଷ ପତିତ ପାବନ ବୌଦ୍ୟ, ତହସିଲଦାର ରାମକୃଷ୍ଣ ସତ୍ୟରାଜ ଗୁରୁ, ଜିଲ୍ଲା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ବିଧାୟକ ପ୍ରତିନିଧି ନିହାର ରାୟ, ବିଜେପି ଜିଲ୍ଲା ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ, କାଲିମେଲା ସରପଞ୍ଚ ପୃଥିରାଜ ମାଝୀ, ସମାଜସେବୀ ଉତ୍ତମ ଓଝା ଏବଂ ସମାଜସେବୀ କୃଷ୍ଣପଦ ଘୋଷ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ କାଲିମେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ ଯୋଗଦେଇଥିଲେ।

## ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ



ନବରଙ୍ଗପୁର,୨୩।୧(ସମିସ): ଶୁକ୍ରବାର ସ୍ଥାନୀୟ ଏକ୍ସିସ ବ୍ୟାଙ୍କ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କର ୧୨୯ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ ଯୋଗ ଦେଇଥିଲେ। ଏକ୍ସ୍ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସରସ୍ୱତୀ ଜ୍ଞାନ ମନ୍ଦିରର ଛାତ୍ର ଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ସମବେତ ହୋଇ ନେତାଜୀଙ୍କ ଜୟ ଧ୍ୱନୀ ଦେଇ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବଳିଷ୍ଠ ଭୂମିକା ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ପରିଚାଳନାରେ ଡିଡବ୍ଲୁଓ ରବୀନ୍ଦ୍ର ପାଳକା, ଡିପିଇଓ ପ୍ରଭାତ ପଟ୍ଟନାୟକ ଓ ଅନ୍ୟ ସରକାରୀ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା କମିଟି ବୈଠକ

# ଏନ୍‌ଏଚ୍ ୩୨୬ର ଉନ୍ନତିକରଣ, ବାଇପାସ୍ ନିର୍ମାଣକୁ ଗୁରୁତ୍ୱ




ରାୟଗଡ଼ା,୨୩।୧(ସମିସ): ରାୟଗଡ଼ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା (ଦିଶା) କମିଟିର ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧ୍ୟକ୍ଷ ତଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲାକାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ଜିଲ୍ଲାପାଳ ଆଶୁତୋଷ କୁଲକାର୍ଣ୍ଣି, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାର, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝି, ଗୁଣୁପୁର ପିଏଆଇଟିଡିଏ ଅଜୟ କୁମାର ପ୍ରଧାନ, ସିଡିଏମଓ ଡ଼. ସରୋଜିନୀ ଦେବୀ ସମେତ ଜିଲ୍ଲାର ବ୍ଲକ୍ ଅଧ୍ୟକ୍ଷ-ଅଧ୍ୟକ୍ଷା ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜାତୀୟ ରାଜପଥ ୩୨୬ର ଉନ୍ନତିକରଣ, ବାଇପାସ୍ ନିର୍ମାଣ, ରାୟଗଡା ସହର ମଝି ରେଳବାଇ ଓଭର ବ୍ରିଜ୍ ଏବଂ ନୂତନ ନାଗାବଳି ସେତୁ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା। ଜାତୀୟ ରାଜପଥ ୩୨୬ରେ ୧୫୩ କୋଟି ଟଙ୍କାରେ ନିର୍ମାଣ ପ୍ରକ୍ରିୟା ଚାଲିଛି, ନାଗାବଳି ନଦୀରେ ୧୭ କୋଟି ଟଙ୍କାର ବ୍ୟୟ ଅଟକଳରେ ନୂତନ ସେତୁ ନିର୍ମାଣ ପାଇଁ ଟେଣ୍ଡର୍ ଡ଼କାଯିବ। ସେହିପରି ରାଇପଙ୍ଗାରୁ ତାଣ୍ଡୀକଣା ପର୍ଯ୍ୟନ୍ତ ୩୨୫ କୋଟି ଟଙ୍କା ବ୍ୟୟଅଟକଳରେ ରାସ୍ତା ଉନ୍ନତି କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଜାତୀୟ ରାଜପଥ ପ୍ରକାଶ କରିଥିଲେ। ରାୟଗଡା ଠାରୁ ଲକ୍ଷ୍ମୀପୁର ପର୍ଯ୍ୟନ୍ତ ୧୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତାର ଦୋହରୀକରଣ ନିମନ୍ତେ ସରକାରଙ୍କ ଅର୍ଥ ବିଭାଗ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି । ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁ ଅଛି। ନାଗାବଳି ସେତୁ ଓ ରାୟଗଡା ସହର ରେଲୱେ ଓଭର ବ୍ରିଜର ନିର୍ମାଣ କାର୍ଯ୍ୟ ଚାଲୁ ଅଛି । ଆସନ୍ତା ଫେବୃୟାରୀ ୧୫ ତାରିଖ ମଧ୍ୟରେ ସମ୍ପୂର୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ସେହିପରି ବିଏସ୍‌ଏନ୍‌ଏଲ୍ ଦ୍ୱାରା ଜିଲ୍ଲାର ୧୧ଟି ବ୍ଲକ୍‌ରେ ୧୩୬ଟି ସଂତୃପ୍ତି ସ୍ଥାନରେ ଅଲଟ୍‌ର୍ କରାଯାଇ ଗ୍ରାମାଞ୍ଚଳରେ ମୋବାଇଲ୍ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି ହାସଲ ହୋଇଛି। ସ୍ୱ ଡାକ୍ତର ସମସ୍ୟା ଓ ପଦବୀ ପୂରଣ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଉପ ସ୍ୱାସ୍ଥ୍ୟ କେନ୍ଦ୍ର,ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଜୁନ୍ ୨୦୨୬ ସୁଧା ସମ୍ପୂର୍ଣ୍ଣ ପାଇଁ ସାଂସଦଙ୍କ ନିର୍ଦ୍ଦେଶ ରହିଥିଲା। ଏମ୍‌ପିଙ୍କ ନିର୍ଦ୍ଦେଶରେ ମେଡିକାଲ ଅଫିସର/କର୍ମଚାରୀ ଖାଲି ପଦଗୁଡ଼ିକ ଶୀଘ୍ର ପୂରଣ ଏବଂ ଦୂରବର୍ତ୍ତୀ ଅଞ୍ଚଳରେ ଆମ୍ବୁଲାନ୍ସ ସୁବିଧା ଉପରେ ଆଲୋଚନା ହୋଇଥିଲା। ସେହିପରି ଶିକ୍ଷା ବିଭାଗର ବିଭିନ୍ନ ସ୍କୁଲ୍‌ରେ ଖାଲି ପଦଗୁଡ଼ିକ ପୂରଣ, ପିଏମ ଶ୍ରୀ ବିଦ୍ୟାଳୟ ସୌନ୍ଦର୍ଯ୍ୟୀକରଣର ଅର୍ଥ ଓ ମାପଦଣ୍ଡ, ପାଠାଗାର ଓ ବିଜ୍ଞାନ ପ୍ରୟୋଗଶାଳା ଶୀଘ୍ର ସମ୍ପୂର୍ଣ୍ଣ ଉପରେ ଆଲୋଚନା ହୋଇଥିଲା।

